

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୩୦ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 30 APRIL 2024

Vol.No. 35 ■ No.116 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଶାହଙ୍କ ଫେକ୍ ଭିଡିଓ ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ ସମନ



ନୂଆଦିଲ୍ଲୀ, ୨୯/୪ : ନିକଟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଏକ ଫେକ୍ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ମାମଲାର ଏବେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ଦିଲ୍ଲୀ ପୁଲିସ ସମନ କରିଛି। ଆସନ୍ତା ମେ’ ୧ ତାରିଖରେ ତାଙ୍କୁ ପଚରାଉଚରା କରିବା ପାଇଁ ଡକାଯାଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ସାଙ୍ଗରେ ନିଜ ମୋବାଇଲ୍ ଆଣି ଆସିବାକୁ ମଧ୍ୟ କୁହାଯାଇଛି।

ପ୍ରକୃତରେ ଅମିତ ଶାହଙ୍କ ଭାଷଣର ଏକ ଫେକ୍ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ଯଦି ଭାରତୀୟ ଜନତା ପାର୍ଟିର ସରକାର ଗଠନ ହୁଏ ତେବେ ଅସାମ୍ବିଧାନିକ ଏସ୍‌ସି, ଏସ୍‌ଟି ଓ ଓବିସି ସଂରକ୍ଷଣକୁ ସମାପ୍ତ କରିଦିଆ ଯିବ ବୋଲି ଏଥିରେ ସେ କହୁଥିବା ନଜର ଆସିଛନ୍ତି। ଶାହଙ୍କ ଏହି ଫେକ୍ ଭିଡିଓ ସାମ୍ନାକୁ ଆସିବା ପରେ ବିବାଦ ଉପୁଜିଛି। ସୂଚନା ମୁତାବକ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ରେବନ୍ତ ରେଡ୍ଡୀ ନିଜ ସୋଶାଲ ମିଡିଆ ଆକାଉଣ୍ଟ ଦ୍ୱାରେ ଅମିତ ଶାହଙ୍କ ଏହି ଫେକ୍ ଭିଡିଓକୁ ସେୟାର କରିଥିଲେ। ତାଙ୍କ ସହ ଦଳର ଅନ୍ୟ କିଛି ନେତାମାନେ ମଧ୍ୟ ଏହି ଭିଡିଓକୁ ସେୟାର କରିଥିଲେ। ଏବେ ଏହି ମାମଲାରେ ମୁଖ୍ୟମନ୍ତ୍ରୀ ରେବନ୍ତଙ୍କୁ ଦିଲ୍ଲୀ ପୁଲିସ ପଚରାଉଚରା କରିବାକୁ ଡକାଇଛି। ଏଥିସହ ତାଙ୍କ ମୋବାଇଲର ମଧ୍ୟ ଯାଞ୍ଚ କରାଯିବ। ସେପଟେ ଶାହଙ୍କ ଏହି ଫେକ୍ ଭିଡିଓକୁ ନେଇ ଦିଲ୍ଲୀ ପୁଲିସ୍‌ରେ ଅଭିଯୋଗ ହୋଇଛି। ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବିୟ, ତେଲଙ୍ଗାନା କଂଗ୍ରେସର ଏକ ଟିମ୍ ଅମିତ ଶାହଙ୍କ ଭାଷଣକୁ ବିକୃତ କରି ଏହାର ଫେକ୍ ଭିଡିଓ ତିଆରି କରି ଭାଇରାଲ କରୁଛନ୍ତି। ଏଥିଯୋଗୁ ହିଂସା ସୃଷ୍ଟି ହୋଇପାରେ ବୋଲି ସେ ଅଭିଯୋଗ କରିଥିଲେ। ବିଜେପି ଓ କେନ୍ଦ୍ର ଗୃହ ମନ୍ତ୍ରାଳୟର ଅଭିଯୋଗ ଆଧାରରେ ଦିଲ୍ଲୀ ସାଇବର ସେଲ୍‌ର ଆଇଏଫ୍‌ଏସ୍‌ଓ ୟୁନିଟ୍ ଆଇଟି ଆକ୍ଟ ଜରିଆରେ ଏଫଆଇଆର ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଛି। ପୁଲିସ କହିବା ମୁତାବକ, ଏହି ମାମଲାରେ ଜଦନ୍ତ ଜାରି ରହିଛି। ଏହି ଫେକ୍ ଭିଡିଓର ମୂଳ ଯାଏଁ ପହଞ୍ଚିବା ପାଇଁ ଚେଷ୍ଟା ଚାଲିଛି। ଯେଉଁମାନେ ଏହି ଭିଡିଓକୁ ପୋଷ୍ଟ କରିଛନ୍ତି, ତାଙ୍କୁ ପଚରାଉଚରା କରାଯିବ। ତଦନ୍ତରେ ସାମିଲ ହେବା ପାଇଁ ମଧ୍ୟ ସେମାନଙ୍କୁ ପଠାଯାଇଛି।

## ବଜ୍ରାଘାତରେ ଜଣେ ମୃତ, ୩ ଗୁରୁତର

ଗଞ୍ଜାମ, ୨୯/୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅଞ୍ଚଳ ରେ ଆଜି ଅପରାହ୍ନ ସମୟରେ କାଳ ବୈଶାଖୀରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହାତ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ପାତ୍ରପୁର ଗାଁର ସୀମା ସାହୁ (୫୫)। ଆହତଙ୍କ ନାମ ହେଉଛି ଶଙ୍କର ସାହୁ ଓ ପଦ୍ମା ସାହୁ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ରାଶି ଅମଳ କରିବା ପାଇଁ ସୀମା ସାହୁ, ଶଙ୍କର ସାହୁ ଓ ପଦ୍ମା ସାହୁ ଗାଁ ନିକଟସ୍ଥ ଜମିକୁ ଯାଇଥିଲେ। ଜମିରେ କାମ କରିବା ସମୟରେ କାଳ ବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ଓ ପବନ ସାଙ୍ଗକୁ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ବର୍ଷା ଆସିବା ଦେଖି କାମ ବନ୍ଦ କରି ଘରକୁ ଫେରିବା ବେଳେ ରାସ୍ତାରେ ସମସ୍ତେ ବଜ୍ରାଘାତର ଶୀକାର ହୋଇଥିଲେ। ଏନେଇ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ସୀମାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ୩ଜଣକ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

## ମୋଦି ବିରୋଧୀ ଆବେଦନକୁ ଖାରଜ କଲେ ହାଇକୋର୍ଟ



ନୂଆଦିଲ୍ଲୀ, ୨୯/୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ହୋଇଥିବା ଆବେଦନକୁ ଖାରଜ କଲେ ହାଇକୋର୍ଟ। ନିର୍ବାଚନର ଆଚରଣ ବିଧି ଉଲ୍ଲଙ୍ଘନ କରି ଭଗବାନ ଓ ଧାର୍ମିକ ସ୍ଥାନ ନାଁରେ ଭୋଟ୍ ମାଗୁଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏଥିପାଇଁ ୬ ବର୍ଷ ପାଇଁ ତାଙ୍କୁ ନିର୍ବାଚନରୁ ବ୍ୟାନ୍ କରିବା ପାଇଁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଏହାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଆଜି ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ▶▶ପୃଷ୍ଠା ୭

## ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ୍ ଅଫିସରେ ଅଗ୍ନିକାଣ୍ଡ

ବାରିପଦା, ୨୯/୪ (ନି.ପ୍ର): ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ୍ ଅଫିସରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟାଳୟ ଥିବା ତୃତୀୟ ମହଲାରେ ନିଆଁ ଲାଗିଯାଇଛି। ୩ ଜଣଙ୍କୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରାଯାଇଛି। ୩ ଅସୁସ୍ଥ ମଧ୍ୟରେ ଜଣେ ମହିଳା ସମେତ ୨ଜଣ ପୁରୁଷ ଥିବା ଜଣାଯାଇଛି। ନିଆଁକୁ ଆୟତ୍ତ କରିବା ପାଇଁ ୨ଟି ଅଗ୍ନିଶମ ବାହିନୀ ନିୟୋଜିତ ଅଛନ୍ତି। ବ୍ୟାଙ୍କ ଭିତରେ ଅନେକ କର୍ମଚାରୀ ଫଶି ରହିଥିବା ଆଶଙ୍କା କରାଯାଉଛି। ଧୂଆଁ ଅଧିକ ହେଉଥିବାରୁ ନିଆଁ ଲିଭାଇବା କଷ୍ଟକର ହୋଇପଡ଼ିଛି। ନିଆଁ ଉପର ମହଲାକୁ ବ୍ୟାପବାର ଆଶଙ୍କା ରହିଛି। କ୍ୟାଣ୍ଟିନରୁ ଏହି ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁ ଲିଭାଇବା ପାଇଁ ଉଦ୍ୟମ ଚଳାଇଛନ୍ତି।

## ତାତିରେ ଛଟପଟ ଓଡ଼ିଶା: ବାରିପଦାରେ ନିଆଁ ବର୍ଷା



ଭୁବନେଶ୍ୱର, ୨୯/୦୪ (ନି.ପ୍ର): ତାତିରେ ଛଟପଟ ହେଉଛି ପୂରା ଓଡ଼ିଶା ! ବାରିପଦା ପାଲଟିଛି ଉତ୍ତପ୍ତ ସହର। ଏଠାରେ ତାପମାତ୍ରା ୪୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ଆଜି ୫ଟି ସହରର ତାପମାତ୍ରା ୪୪ ଡିଗ୍ରୀ କିମ୍ବା ତା’ଠାରୁ ଅଧିକ ରେକର୍ଡ କରାଯାଇଛି। ସୋଶାଲ୍ ମଇଡ଼ିଆ ଢ ରେ ଏନେଇ ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବାରିପଦା ତଳକୁ ଅଛି ଅନୁଗୋଳ। ଏଠାରେ ୪୪.୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ବୌଦ୍ଧରେ ୪୪.୧ ଡିଗ୍ରୀ, ତାଳଚେରରେ ୪୪ ଡିଗ୍ରୀ, ଭବାନୀପାଟଣାରେ ୪୪ ଡିଗ୍ରୀ, ଟିଟିଲାଗଡ଼ରେ ୪୩.୫ ଡିଗ୍ରୀ, ▶▶ପୃଷ୍ଠା ୭

## ନାବାଳିକାଙ୍କୁ ଗର୍ଭପାତ ପାଇଁ ଦେଇଥିବା ଅନୁମତିକୁ ଫେରାଇ ନେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୯/୪ : ଜଣେ ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କୁ ଗର୍ଭପାତ କରିବାକୁ ଅନୁମତି ଦେଇଥିବା ରାୟକୁ ଆଜି ସୁପ୍ରିମକୋର୍ଟ ଫେରାଇ ନେଇଛନ୍ତି। ଏପ୍ରିଲ ୨୨ରେ ସର୍ବୋଚ୍ଚ ଅଦାଲତ ୧୪ ବର୍ଷୀୟ ନାବାଳିକାଙ୍କୁ ତାଙ୍କର ୩୦ ସପ୍ତାହର ଭ୍ରୃଣକୁ ଗର୍ଭପାତ କରିବାକୁ ଅନୁମତି ଦେଇଥିଲେ। ଏବେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ▶▶ପୃଷ୍ଠା ୭

## ବଦଳିଲା ୟୁଜିସି-ନେଟ୍ ପରୀକ୍ଷା ତାରିଖ

ନୂଆଦିଲ୍ଲୀ, ୨୯/୪ : ୟୁଜିସି-ନେଟ୍ ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି। ଏବେ ୟୁଜିସି-ନେଟ୍ ପରୀକ୍ଷା ଜୁନ୍ ୧୬ ରବିବାର ପରିବର୍ତ୍ତେ ଜୁନ ୧୮ ମଙ୍ଗଳବାର ଦିନ ଅନୁଷ୍ଠିତ ହେବ। ୟୁଜିସି ମୁଖ୍ୟ ଜଗଦୀଶ କୁମାର ମାଇକ୍ରୋବ୍ଲଗିଂ ସାଇଟ୍ ‘ଏକ୍ସ’ରେ ଏ ନେଇ ସୂଚନା ଦେଇଛନ୍ତି । ଜଗଦୀଶ କୁମାର ଆହୁରି ମଧ୍ୟ ଲେଖିଛନ୍ତି ଯେ ଏହି ପରୀକ୍ଷା ଓଏମଆର ମୋଡରେ ହେବ । ଖୁବଶୀଘ୍ର ଏ ନେଇ ଔପଚାରିକ ବିଜ୍ଞପ୍ତି ଜାରି କରାଯିବ । କେନ୍ଦ୍ରୀୟ ଲୋକସେବା ଆୟୋଗ ଦ୍ୱାରା ପୂର୍ବରୁ ଦିଆଯାଇଥିବା ୟୁପିଏସସି ପରୀକ୍ଷା କ୍ୟାଲେଣ୍ଡର ଅନୁଯାୟୀ ୟୁପିଏସସି ମେନ୍ସ ପରୀକ୍ଷା ମେ ୨୬, ୨୦୨୪ (ୟୁପିଏସସି ମେନ୍ସ ୨୦୨୪ ତାରିଖ) ରେ ଅନୁଷ୍ଠିତ ହେବାର ଥିଲା । କିନ୍ତୁ ସାରା ଦେଶରେ ଲୋକସଭା ନିର୍ବାଚନ ଥିବାରୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ଏହାପରେ ୟୁପିଏସସି ଏକ ନୂଆ କାର୍ଯ୍ୟସୂଚୀ ଜାରି କରିଥିଲା ଏବଂ ଏଥିରେ ମୁଖ୍ୟ ପରୀକ୍ଷା ର ତାରିଖ ଜୁନ୍ ୧୬, ୨୦୨୪ ଦର୍ଶାଯାଇଥିଲା । ସେହିପରି ୟୁଜିସି ନେଟ୍ ପରୀକ୍ଷାର କାର୍ଯ୍ୟସୂଚୀ ପୂର୍ବରୁ ସ୍ଥିର ହୋଇସାରିଥିଲା। ଏହି ପରୀକ୍ଷା ଜୁନ୍ ୧୬, ୨୦୨୪ (ୟୁଜିସି ନେଟ୍ ୨୦୨୪ ତାରିଖ)ରେ ଧାର୍ଯ୍ୟ ହୋଇଥିଲା।

## କାରକୁ ପଛରୁ ପିଟିଲା ବୋଲେରୋ: ୧୦ ମୃତ, ୨୩ ଆହତ

ଛତିଶଗଡ଼, ୨୯/୪ : ଛତିଶଗଡ଼ର ବେମେତାରା ଜିଲ୍ଲାରେ ଗତକାଲି ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଓ ପିକଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୨୩ ଜଣ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ମହିଳା ଓ ୩ ଛୁଆ ଅଛନ୍ତି। ଗୁରୁତରଙ୍କ ମଧ୍ୟରେ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କୁ ଚିକିତ୍ସା ନିମନ୍ତେ ବେମତରା ଓ ସିମଗା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବେମେତାରା ଜିଲ୍ଲା କଥିଆ ଗାଁ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଯାତ୍ରୀଙ୍କୁ ଧରି ଏକ କାର ଛିଡ଼ା ହୋଇଥିବା ବେଳେ ପଛରୁ ଆସୁଥିବା ପିକ୍‌ଅପ୍‌ଟି ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୫ ମହିଳା ଓ ୩ ଛୁଆ ଅଛନ୍ତି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲ ପଠାଯାଇଥିଲା। ସେଠାରେ ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ରାୟପୁର ରେଫର କରି ଦିଆଯାଇଛି।ସମସ୍ତେ ଏକ ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେଇ ଗାଁକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଖବର ପାଇ ଘଟଣାସ୍ଥଳରେ ଜିଲ୍ଲାପାଳ, ଏସ୍‌ପି ପ୍ରମୁଖ ପହଞ୍ଚିଥିବା ଜଣାଯାଇଛି। ଏଥଇସହ ସ୍ଥାନୀୟ ବିଧାୟକ ଦିପେଶ ସାହୁ ବି ବିଳମ୍ବିତ ରାତିରେ ହସ୍ପିଟାଲରେ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ମେ’ ୨୫ରେ ଓଡ଼ିଶାର ତୃତୀୟ ପର୍ଯ୍ୟାୟ ଭୋଟ: ପ୍ରକାଶ ପାଇଲା ବିଜ୍ଞପ୍ତି



ଭୁବନେଶ୍ୱର, ୨୯/୦୪ (ନି.ପ୍ର): ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରକାଶ ପାଇଛି ବିଜ୍ଞପ୍ତି। ଏହି ପର୍ଯ୍ୟାୟରେ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ଓ ଏହା ଅଧିନରେ ଥିବା ୪୨ଟି ବିଧାନସଭା ଆସନରେ ମେ’ ୨୫ ତାରିଖରେ ନିର୍ବାଚନ ହେବ। ଏହି ସବୁ ଆସନ ପାଇଁ ଆଜିଠୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇ ମେ’୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମେ’୭ରେ ନାମାଙ୍କନପତ୍ର ଯାଞ୍ଚ ହେବ। ମେ’୯ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ହୋଇପାରିବ। ଏହି ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ୍ ୯୪ ଲକ୍ଷ ୪୧ ହଜାର ୭୯୭ଜଣ ଭୋଟର ଥିବାବେଳେ ଏଥିରେ ୪୮ ଲକ୍ଷ ୨୬ ହଜାର ୩୭୫ ପୁରୁଷ ଓ ୪୬ ଲକ୍ଷ ୧୪ ହଜାର ୧୩୪ ଜଣ ମହିଳା ରହିଛନ୍ତି। ଏହି ପର୍ଯ୍ୟାୟରେ ପ୍ରାୟ ସମସ୍ତ ସିଟରେ ସମସ୍ତ ଦଳର ହେଭିଓ୍ୱେଟ୍ ନିର୍ବାଚନ ଲଢୁଛନ୍ତି। ତେଣୁ ତାରିଖ ପାଖେଇବା ସହ ସରଗରମ ହେଉଛି ରାଜ୍ୟ ରାଜନୀତି। ସୂଚନାଯୋଗ୍ୟ, ଏପ୍ରିଲ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ’ ୨୦ରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ହେବ। ସେହିପରି ପ୍ରଥମ ପର୍ଯ୍ୟାୟ ଭୋଟ ମେ’ ୧୩ରେ ହେବ।

## ଅଶ୍ଳୀଳ ଭିଡିଓ ମାଧ୍ୟମରେ ମହିଳାଙ୍କୁ ବ୍ଲାକ୍‌ମେଲ କରୁଥିଲେ ଦେବଗୌଡାଙ୍କ ନାତି



ନୂଆଦିଲ୍ଲୀ, ୨୯/୪ : ଅଡୁଆରେ ଜେଡିଏସ୍ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡ଼ି ଦେବଗୌଡାଙ୍କ ନାତି ପ୍ରଜ୍ୱଳ ରେଭାନ୍ନା। ତାଙ୍କ ବିରୋଧରେ ଆସିଥିବା ଅଶ୍ଳୀଳ ଭିଡିଓ ମାମଲାରେ ସେ ଦିନକୁ ଦିନ ଫସିବାରେ ଲାଗିଛନ୍ତି। ଏହି ମାମଲାରେ ଏବେ ଏକ ନୂଆ ଖୁଲାସା ହୋଇଛି। ସେ ଏହି ଅଶ୍ଳୀଳ ଭିଡିଓ ମାଧ୍ୟମରେ କୁଆଡେ ମହିଳାକର୍ମୀମାନଙ୍କୁ ବ୍ଲାକ୍‌ମେଲ୍ କରୁଥିବା ଅଭିଯୋଗ ହୋଇଛି। ଏଥିସହ ସେମାନଙ୍କ ସହ ଅନୈତିକ ସମ୍ପର୍କ ରଖିଥିବା ମଧ୍ୟ କୁହାଯାଇଛି। କର୍ଣ୍ଣାଟକର ଜଣେ ବିଜେପି ନେତା ଦାବି କରିଛନ୍ତି ଯେ, ସେ ଡିସେମ୍ବର ୨୦୨୩ରେ ରାଜ୍ୟ ଦଳର ସଭାପତିଙ୍କୁ ଏକ ଚିଠି ଲେଖି କହିଥିଲେ ଯେ ସେ ମହିଳାଙ୍କ ଯୌନ ଶୋଷଣର ପ୍ରାୟ ▶▶ପୃଷ୍ଠା ୭

## ଆମେଠି ନୁହେଁ, ରାୟବରେଲିରୁ ଲଢ଼ିବେ ରାହୁଲ !



ନୂଆଦିଲ୍ଲୀ, ୨୯/୪ : ଲୋକସଭା ନିର୍ବାଚନର ଦୁଇଟି ପର୍ଯ୍ୟାୟ ଭୋଟ ସରିଲାଣି। ଆହୁରି ଅନେକ ସ୍ଥାନରେ ଭୋଟ ହେବା ବାକି ଅଛି। ସମସ୍ତ ରାଜନୈତିକ ଦଳ ଗୋଟିଏ ପରେ ଗୋଟିଏ ଆସନରେ ପ୍ରାର୍ଥୀ ଘୋଷଣା କରୁଛନ୍ତି। ତେବେ ଏସବୁ ଭିତରେ ଉତ୍ତରପ୍ରଦେଶର ଅମେଠି ଓ ରାୟରବରେଲି ଆସନରେ କଂଗ୍ରେସ ଏଯାଏଁ ପ୍ରାର୍ଥୀ ଦେଇନାହିଁ। ଏହି ଦୁଇଟି ଆସନରେ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ସସ୍‌ପେନ୍ସ ଜାରି ରହିଛି। ଏହାରି ଭିତରେ ଅମେଠିରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ନିର୍ବାଚନ ଲଢ଼ିବେ ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ଅମେଠି ନୁହେଁ ରାୟବରେଲିରୁ ସେ ନିର୍ବାଚନୀ ମୈଦାନକୁ ଓହ୍ଲାଇବେ ବୋଲି କୁହାଯାଉଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବରର ଏକ ସୂତ୍ରରୁ ଏହି ସୂଚନା ମିଳିଛି। ସେହିପରି ସୂତ୍ର ଅନୁଯାୟୀ, ପ୍ରିୟଙ୍କା ଗାନ୍ଧିଙ୍କ ବର୍ତ୍ତମାନ ନିର୍ବାଚନ ମୈଦାନକୁ ଓହ୍ଲାଇବା ପାଇଁ କୌଣସି ଯୋଜନା କରାଯାନାହିଁ। ଏହାପୂର୍ବରୁ ଶନିବାର ଦିନ ଉତ୍ତରପ୍ରଦେର ଅମେଠି ଓ ରାୟବରେଲି ଆସନ ପାଇଁ ଦଳ ତରଫରୁ ଆଉ କିଛି ଦିନ ମଧ୍ୟରେ ଖୁବଶୀଘ୍ର ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯିବ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଥିଲେ। ସୂଚନାନୁସାରେ, କଂଗ୍ରେସର ଉତ୍ତରପ୍ରଦେଶର ପ୍ରଭାରୀ ଅବିନାଶ ପାଣ୍ଡେ ଏବଂ ବିଧାନସଭା ଦଳର ନେତା ଆରାଧନା ମିଶ୍ର ରାହୁଲ ଗାନ୍ଧିଙ୍କୁ ଆମେଠିରୁ ଓ ପ୍ରିୟଙ୍କା ଗାନ୍ଧି ଭଦ୍ରା ରାୟବରେଲିରୁ ପ୍ରତିଦ୍ୱନ୍ଦ୍ୱିତା କରିବା ଉଚିତ୍ ବୋଲି ହାଇକମାଣ୍ଡକୁ ଅନୁରୋଧ କରିଛନ୍ତି। ତେବେ କିଏ କେଉଁ ଆସନରୁ ଲଢ଼ିବ ତାହା ଦଳ ତରଫରୁ ଏଯାଏଁ ସ୍ପଷ୍ଟ କରାଯାଇ ନାହିଁ। ରାହୁଲ ଗାନ୍ଧି ୨୦୦୪ ରୁ ୨୦୧୯ ପର୍ଯ୍ୟନ୍ତ ଆମେଠିରୁ ଲୋକସଭା ସଦସ୍ୟ ଥିଲେ। ୨୦୧୯ ଲୋକସଭା ନିର୍ବାଚନରେ ତାଙ୍କୁ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ତଥା କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀଙ୍କଠାରୁ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା।

## ସନ୍ଦେଶଖାଲି ମାମଲାରେ ମମତା ସରକାରକୁ ଝଟ୍‌କା: ବର୍ଷିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୯/୪ : ପଶ୍ଚିମବଙ୍ଗର ବହୁଚର୍ଚ୍ଚିତ ସନ୍ଦେଶଖାଲି ହିଂସା ମାମଲାରେ ମମତା ବାନାର୍ଜୀ ସରକାରଙ୍କୁ ଲାଗିଛି ବଡ ଝଟ୍‌କା। ଏହି ମାମଲାରେ ପଶ୍ଚିମବଙ୍ଗ ସରକାର ତରଫରୁ କରାଯାଇଥିବା ତତ୍କାଳ ଶୁଣାଣି ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ସନ୍ଦେଶଖାଲି ମାମଲାରେ ସିବିଆଇ ତଦନ୍ତ ଜାରି ରହିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ନିକଟରେ କଲିକତା ହାଇକୋର୍ଟ ସନ୍ଦେହଖାଲି ମାମଲାରେ ସିବିଆଇ ତଦନ୍ତ କରିବାକୁ ରାୟ ଦେଇଥିଲେ। ତେବେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ପଶ୍ଚିମବଙ୍ଗ ସରକାର। ଆଜି ଏହି ମାମଲାରେ ଜଷ୍ଟିସ ବିଆର ଗବଇ ଏବଂ ଜଷ୍ଟିସ ସନ୍ଦୀପ ମେହେତାଙ୍କ ବେଞ୍ଚ ଶୁଣାଣି ବେଳେ ପଶ୍ଚିମବଙ୍ଗ ସରକାର ଉପରେ ବର୍ଷିଛନ୍ତି। ହାଇକୋର୍ଟ ଦେଇଥିବା ଆଦେଶକୁ ସ୍ଥଗିତ ରଖାଯାଇ ପାରି ନାହିଁ ବୋଲି ବେଞ୍ଚ କହିଛନ୍ତି। ▶▶ପୃଷ୍ଠା ୭

# ଧନତ୍ରୀ ବାଲିଘାଟ ମାମଲା: ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଆଦେଶକୁ କାଏମ ରଖିଲେ ଉଚ୍ଚ ନ୍ୟାୟଳୟ

କୋରେଇ, ୨୯/୪ (ନି.ପ୍ର): ବ୍ୟାସନଗର ତହସିଲ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ମୁଳାପାଳ ପଂଚାୟତର ବୈତରଣୀ ନଦୀର ଧନତ୍ରୀ ବାଲି ଖାଦାନକୁ ନେଇ ଗ୍ରାମବାସୀ ମାନେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ ଦାଖଲ କରିବା ପରେ ତାହାକୁ ଚ୍ୟାଲେଂଜ କରି ମାନ୍ୟବର ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଛନ୍ତି ଲିଜ ଧାରୀ। ତେବେ ମାନ୍ୟବର ଉଚ୍ଚ ନ୍ୟାୟଳୟ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଆଦେଶକୁ ବଳବତର ରଖିବା ସହ ଆବେଦନକୁ ଖାରଜ କରିଛନ୍ତି । ପ୍ରକାଶ ଉକ୍ତ ଖାଦାନକୁ ଭୁବନେଶ୍ୱରର ବିକାଶ ସ୍ୱାଇଁ ନାମକ ବ୍ୟକ୍ତି ଲିଜ ନେଇଥିବା ବେଳେ ଭାରୀଯାନ ମାଧ୍ୟମରେ ବାଲି ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲାଣ ହେଉଥିଲା। ନଦୀ ବନ୍ଧରେ ଭାରିଯାନ ଚଳାଚଳ ଫଳରେ ନଦୀ ବନ୍ଧ କ୍ରମଃଶ ଦୁର୍ବଳ ହେବା ସହିତ ଆଗାମୀ ବର୍ଷା ଋତୁରେ ନଦୀରେ ବନ୍ୟା ସମୟରେ ବନ୍ଧ ଭାଂଗିବାର ସମ୍ଭାବନା ଦେଖାଦେଇଛି। ଫଳରେ ଗ୍ରାମବାସୀ ମାନଙ୍କ ପକ୍ଷରୁ କୃଷ୍ଣ ଚନ୍ଦ୍ର ଖଟୁଆ, କିଶୋର ଚନ୍ଦ୍ର ପାଳ ଓ ଶରତ ଚନ୍ଦ୍ର ଜେନା ଉକ୍ତ ଲିଜଧାରୀ ଓ ରାଜ୍ୟ ପରିବେଶ ବିଭାଗ,ରାଜ୍ୟ ସରକାରଙ୍କ ପଂଚାୟତିରାଜ ବିଭାଗର ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ, ଯାଜପୁର ଜିଲ୍ଲାପାଳ, ବ୍ୟାସନଗର ତହସିଲଦାର, ଓ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ ଦାଖଲ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗର ଶୁଣାଣୀ କରି ମାନ୍ୟବର ଟ୍ରିବ୍ୟୁନାଲ ଗତ ୧୭-୦୭-୨୩ରେ ଲିଜ ଧାରୀଙ୍କ ସମେତ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିରୁଦ୍ଧରେ ଆଦେଶ ପ୍ରଦାନ କରିଥିଲେ। ଯାହାକୁ ଲିଜଧାରୀ ବିକାଶ ସ୍ୱାଇଁ ଗତ ୧୧-୦୮-୨୦୨୩ରେ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଂଜ କରିଥିଲେ। ତେବେ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଚିଫ ଜଷ୍ଟିସ ଚକ୍ରଧାରୀ ଚରଣ ସିଂଙ୍କ ନେତୃତ୍ୱରେ ଏକ ବେଂଚ ଏହାର ଶୁଣାଣୀ କରି ଆଦେଶ ସଂଖ୍ୟା ୨୦୫୧ /୨୫-୦୪-୨୦୨୪ରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଉକ୍ତ ଆଦେଶକୁ ବଳବତର ରଖିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଆଡ଼ଭୋକେଟ ଗୋପାଳ ପ୍ରସାଦ ଜେନା, ଆଡ଼ଭୋକେଟ ବିପି ଦାସ,ଆଡ଼ଭୋକେଟ ଦେବକାନ୍ତ ମହାନ୍ତି ଓ ଆଡ଼ଭୋକେଟ ସୁଶାନ୍ତ କୁମାର ମିଶ୍ର ଉକ୍ତ କେଶକୁ ପରିଚାଳନା କରୁଥିବା ବେଳେ ଲିଜଧାରୀଙ୍କ ପକ୍ଷରୁ ଆଡ଼ଭୋକେଟ ପ୍ରଭୁ ପ୍ରସନ୍ନ ବେହେରା ଉକ୍ତ କେଶକୁ ପରିଚାଳନା କରୁଥିଲେ।

# ଦେଶି ମଦ ଚାଲାଣ ବେଳେ ଚଢ଼ଉ: ୪ ଗିରଫ

ଜୟପୁର, ୨୯/୪ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢଉ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୪ ଅଭିଯୁକ୍ତ ହେଲେ ନିଳାଗୁଡାର ସାମସନ ହରିଜନ (୧୯) ଓ ଚନ୍ଦ୍ର ନାଗ (୨୬), ବାରିଣିପୁଟର ଧନୁର୍ଜୟ ପାଇକ (୪୩), ଡଙ୍ଗରିଗୁଡା ଗ୍ରାମର ହରି ଗାଦବା ।

ଜୟପୁର ଅବକାରି ବିଭାଗ ସୂଚନା ଅନୁଯାୟୀ, ଅବକାରି ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ଜୟପୁର ଅବକାରି ଅବକାରି ରେଞ୍ଜ ଓ ଜିଲା ଫ୍ଲାଇଙ୍ଗ ସ୍କ୍ୱାର୍ଡର ମିଳିତ ଚଢଉ କରାଯାଇଛି । ଚଢଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ନିଳାଗୁଡାରୁ ଏକ ବାଇକରେ ସାମସନ ହରିଜନ (୧୯) ଦେଶି ମଦ ଚାଲାଣ କରୁଥିବା ବେଳେ ଚନ୍ଦନବାଡ ସାହି ନିକଟରେ ଚଢଉ ହୋଇଥିଲା । ଚଢଉ କରି ୬୦ ଲିଟର ଦେଶି ମଦ ଓ ନମ୍ବର ବିହିନ ବାଇକକୁ ଜବତ ହୋଇଛି । ସେହିପରି ନିଳାଗୁଡା ଗ୍ରାମର ଚନ୍ଦ୍ର ନାଗ (୨୬) ଏକ ବାଇକରେ ଦେଶି ମଦ ଚାଲାଣ କରୁଥିବା ବେଳେ ନନ୍ଦଗୁଡା ଠାରେ ଚଢଉ ହୋଇଛି । ଚଢଉ କରି କରି ୨୦ ଲିଟର ଦେଶି ମଦ ଓ ବାଇକ କୁ ଜବତ ହୋଇଛି । ସେହିପରି ବାରିଣିପୁଟର ଧନୁର୍ଯ୍ୟୟ ପାଇକ (୪୩) ଏକ ବାଇକରେ ସଲପ ତାଡି ଚାଲାଣ କରୁଥିବା ବେଳେ କୋଲାବ ପାୱାର ହାଉସ ଛକରେ ଚଢଉ କରିଥିଲା । ଚଢଉ କରି ୨୦ ଲିଟର ସଲପ ତାଡି ଓ ବାଇକ କୁ ଜବତ କରିଛି । ଚଢଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏହି ଚଢଉରେ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ, ଜିଲା ଫ୍ଲାଇଙ୍ଗ ସ୍କାର୍ଡ ଟିମ ର ଚନ୍ଦ୍ରଶେଖର ପଡିହାରି ପ୍ରମୁଖ ସାମିଲ୍ ଥିଲେ । ସେହିପରି ଦେଶି ମଦ ଚାଲାଣ ହେଉଥିବା ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଡଙ୍ଗରିଗୁଡା ଗ୍ରାମ ରାସ୍ତାରେ ଚଢଉ କରି ହରି ଗାଦବା ଠାରୁ ୯ ଲିଟର ଦେଶି ମଦ ଜବତ କରିଛି । ଗିରଫ ଅବିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

# କୋରାଇ ଆମ ଆଦମୀ ପାର୍ଟିର କର୍ମକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ

କୋରେଇ, ୨୯/୪ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କୋରାଇ ଆମ ଆଦମୀ ପାର୍ଟିର କର୍ମକର୍ତା ସମ୍ମିଳନୀ ତଥା ମିଶ୍ରଣ ପର୍ବ ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଶନି ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଥିଲା। ପାର୍ଟିର ବ୍ଲକ ସଭାପତି ବାସୁ ବିଶୋର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ପାର୍ଟିର ଆଶାୟୀ ବିଧାୟକ ପ୍ରାର୍ଥୀ ତ୍ରିନୟନ ରଥ ଯୋଗଦେଇଥଲେ। ପ୍ରାରମ୍ଭରେ କୋରାଇ ଆପର ଦିବଂଗତ ନେତା ସ୍ୱର୍ଗତ ଧରଣୀଧର ଘଡ଼ାଇଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଆପର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ କେନ୍ଦ୍ରର ବିଜେପି ସରକାର ଯେଉଁଭଳି ଭାବେ ବେଆଇନ ଭାବେ ଜେଲରେ ରଖି ମାନସିକ ନିର୍ଯ୍ୟାତନା ଦେଉଛନ୍ତି ସେ ଉପରେ ସମସ୍ତ କର୍ମୀ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଆଗାମୀ ସାଧାରଣ ନିର୍ବାଚନରେ କିପରି ଦଳ ନିଜକୁ ପ୍ରସ୍ତୁତ କରିବ ସେ ନେଇ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ବ୍ୟାସନଗର ପୌରପରିଷଦର ପୂର୍ବତନ କାଉନସିଲର ସମାଜସେବୀ ରାଜେନ୍ଦ୍ର କୁମାର ବିଶ୍ୱାଳ ପାର୍ଟୀରେ ଯୋଗ ଦେଇଥିଲେ। ବୈଠକରେ ପାର୍ଟିର ଗୋଳେଇପୁର ପଂଚାୟତ ସଭାପତି ମହେନ୍ଦ୍ର ମହାପାତ୍ର.ତୁଳତୀ ପଂଚାୟତ ସଭାପତି କାର୍ତିକ ସେନାପତି, ପଥରପଦା ପଂଚାୟତ ସଭାପତି କମଳାକାନ୍ତ ମହାରଣା , ସାଦକପୁର ପଂଚାୟତ ସଭାପତି ସେକ ଜାହିର, ଅମୃତିଆ ପଂଚାୟତ ସଭାପତି ଶ୍ୟାମ ସୁନ୍ଦର ଦାସ, ମୁଳାପାଳ ପଂଚାୟତ ସଭାପତି କାର୍ତିକ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପାଣିକୋଇଲି ପଂଚାୟତ ସଭାପତି କୈଳାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟର ସଚେତନତା ଉପରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୯/୪ (ନି.ପ୍ର): ଜୟପୁର ରଜାନହର ଠାରେ ନାଚ ମାଧ୍ୟମ ରେ ଭୋଟଚର ସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲା ପ୍ରଶାସନର ନିଦ୍ଦେଷକ୍ରମେ ଜୟପୁର ପୌର ପାଳିକା ଦ୍ୱାରା ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲା ନିବାଚନ ପର୍ଯ୍ୟବେକ୍ଷକ ପ୍ରୟଙ୍କା ଗୋସ୍ୱାମୀ କୋରାପୁଟ ଜିଲାପାଳ ଜି କିର୍ତି ଭାସନ, ସିଡିଓ ଜିଲା ପରିଷଦ ଦେବାଶିଷ ପଟ୍ଟନାୟକ, ପିଡି ଡୁଡା ଦେବି ପ୍ରସାଦ ତାଲି , ଅତିରିକ୍ତ ଜିଲାପାଳ ଲବନାଜିତ ରାଉତ, ଉପ ଜିଲାପାଳ ପ୍ରବାତ କୁମାର ପରିଡା, ଏସଡିପିଓ ଅଙ୍କିତ ବର୍ମା, ବିଡିଓ ଶକ୍ତି ମହାପାତ୍ର, ପୌର ନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଡିସିଓ ପ୍ରତିସୁଧା ଜେନା ଉପସ୍ଥିତ ରହିଥିଲେ । ଆମାଗି ସାଧାରଣ ନିବାଚନ ପାଇ ନାଚ ମାଧମରେ ମତଦାତାଙ୍କୁ ସଚେତନ କରାଯାଇଥିଲା ।

# କୁଚିଣ୍ଡାରେ ବିଜେଡିର ଜୋରଦାର ପ୍ରଚାର

ସମ୍ବଲପୁର, ୨୯/୪ (ନି.ପ୍ର): ସମ୍ବଲପୁର ଲୋକସଭା କ୍ଷେତ୍ର ଅର୍ନ୍ତଗତ କୁଚିଣ୍ଡାଠାରେ ବିଜେଡି ପକ୍ଷରୁ ଏକ ବଡଧରଣର ପ୍ରଚାର ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆଙ୍କୁ ବହୁ ସଂଖ୍ୟାରେ ସମର୍ଥନ ଦେଇ ନିର୍ବାଚିତ କରିବା ପାଇଁ ଉପସ୍ଥିତ ମହଲଙ୍କୁ ଉତ୍ସାହିତ କରାଯାଇଥିଲା । ପ୍ରାରମ୍ଭରେ ଏକ ବାଇକ ରାଲିରେ ପ୍ରଣବ ପ୍ରକାଶଙ୍କୁ ପାଛୋଟି ଅଣିଥିଲେ ସମର୍ଥକ । ଏହି ଅବସରରେ କଲେଜ ଛକ ପଡିଆରେ ଆୟୋଜିତ ସଭାରେ ଉଦବୋଧନ ଦେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନବାଣରେ ଘେରିଥିଲେ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ । କୁଚିଣ୍ଡାରେ ସେ ପହଞ୍ଚିବା ପରେ ଶହଶହ ସଂଖ୍ୟାରେ ସମର୍ଥକମାନେ ତାଙ୍କୁ ସ୍ୱାଗତ କରିଥିଲେ । ମନ୍ଦିର ଛକରୁ ବସଷ୍ଟାଣ୍ଡ ଦେଇ କଲେଜ ଛକ ପର୍ଯ୍ୟନ୍ତ ଏହି ବାଇକ ରାଲିର ଆୟୋଜନ କରାଯାଇଥିଲା । ଏହି ବାଇକ୍ ରାଲିକୁ ଦେଖି ଏହା ପ୍ରଣବଙ୍କ ପାୱାର ସୋ ବୋଲି କେତେକ ବିରୋଧୀ ହାଲ୍କା ଟୀପ୍ପଣୀ ଦେଇଥିଲେ । ଆୟୋଜିତ ସଭାରେ ଯୋଗଦେଇ ନିଜର ସମର୍ଥକମାନଙ୍କୁ ପ୍ରଣବ କୃତଜ୍ଞତା ଜଣାଇଥିଲେ । ଜୟ ମା ସମଲେଶ୍ୱରୀ କି ଜୟ .. କହି ଉଦବୋଧନ ଦେବା ଆରମ୍ଭ କରି ବିଗତ ନିର୍ବାଚନରେ କୁଚିଣ୍ଡାବାସୀ ଶଙ୍ଖ ଚିହ୍ନ ଉପରେ ଭରସା ରଖି ବିଧାୟକ ପ୍ରାର୍ଥୀଙ୍କୁ ଜିତାଇ ଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ । ତାଙ୍କର ଗୋଟିଏ ଭୋଟ ପାଇଁ ଆଜି କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଅନେକ ବିକାଶମୂଳକ କାମ ହୋଇପାରିଛି । ମାତ୍ର ସାଂସଦ ଭାବରେ ଯାହାକୁ ନିର୍ବାଚିତ କରିବାକୁ ଆପଣମାନେ ଭୋଟ ଦେଇଥିଲେ ସେ ଆପଣଙ୍କ ଗାଁ ମାଟି ମାଡିନାହାନ୍ତି ବୋଲି ଆକ୍ଷେପ କରିଥିଲେ । ଏ ଅଞ୍ଚଳ, ଖଣିଜ ସମ୍ପଦ ସମ୍ପନ୍ନ ଅଟେ । ନାଲକୋ , ଏମସିଏଲ ଭଳି କେନ୍ଦ୍ରୀୟ ଖଣିଜ ସଂସ୍ଥା ଏହି ଅଞ୍ଚଳରୁ ଖଣିଜ ପଦାର୍ଥ ଉତ୍ତୋଳନ କରି ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ଲାଭ କରୁଛନ୍ତି । ପ୍ରତିବଦଳରେ ଆପଣ ମାନଙ୍କୁ ଦେଉଛନ୍ତି କଣ ? କେବଳ ଧୂଆଁ ଓ ପାଉଁଶ । ସେହିଭଳି କୁଚିଣ୍ଡା ଅଞ୍ଚଳର ଲୋକେ ବର୍ଷକରେ ଥରେ କେନ୍ଦୁପତ୍ର ତୋଳି ରୋଜଗାର କରନ୍ତି । କର୍ପୋରେଟ ପ୍ରେମରେ ପଡିଥିବା କେନ୍ଦ୍ର ସରକାର ସହି କେନ୍ଦୁପତ୍ରରେ ୧୮ ପ୍ରତିଶତ ଜିଏସଟି ଲଗାଇଛନ୍ତି । ମୁଖ୍ୟମନ୍ତ୍ରୀ ବାରମ୍ୱାର ନିବେଦନ କଲା ସତ୍ତ୍ୱେ କେନ୍ଦୁପତ୍ର ଉପରୁ ଜିଏସଟି ପ୍ରତ୍ୟାହାର କରୁନାହାନ୍ତି । ଏ ସର୍ମ୍ପକରେ ଆପଣ ନିର୍ବାଚିତ କରିଥିବା ସାଂସଦ ଦିନେହେଲେ କେନ୍ଦ୍ର ସରକାରଙ୍କୁ କାହିଁକି ପଚାରିନାହାନ୍ତି ବୋଲି କହିଥିଲେ। କେନ୍ଦ୍ରରେ ବସିଥିବା ଭାରତୀୟ ଜନତା ପାର୍ଟି ଓ କଂଗ୍ରେସ ପାଇଁ ଓଡିଶା ଏକ ବିନ୍ଦୁ ସମାନ । କିନ୍ତୁ ବିଜୁ ଜନତା ଦଳ ପାଇଁ ଏହା ଏକ ପରିବାର । ତେଣୁକରି ଏବେ ସମୟ ଆସିଛି ଆପଣମାନେ ଏହାର ବିଚାର କରନ୍ତୁ । ଚଳିତ ନିର୍ବାଚନରେ ଥରେ ନୁହେଁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରନ୍ତୁ ବୋଲି ସେ ନିବେଦନ କରିଥିଲେ । ସଭାସ୍ଥଳରୁ ଗୋଟିଏ ନାରା ଦେଇଥିଲେ । ''ଯୋଡିଶଙ୍ଖ ବାଜିବ କୁଚିଣ୍ଡାବାସୀ ହସିବ'' । ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ଓ ଅନ୍ୟ କର୍ମକର୍ତ୍ତାମାନଙ୍କ ସହ ବହୁ ସଂଖ୍ୟାରେ କର୍ମୀ ଓ ସମର୍ଥକ ମାନେ ଯୋଗ ଦେଇଥିଲେ ।

# ଏଲ୍ଆଇସି ସନ୍ଧ୍ୟା ଯୋଗ କେନ୍ଦ୍ରର ନବମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର, ୨୯/୪ (ନି.ପ୍ର): ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତର ଚନ୍ଦ୍ରଶେଖର ଯୋଗ ଜିଲ୍ଲା ଅନ୍ତର୍ଗତ ଏଲ ଆଇ ସି ସନ୍ଧ୍ୟା କେନ୍ଦ୍ରର ନବମ ବାର୍ଷିକ ଉତ୍ସବ ରବିବାର ଦିନ ମହା ସମାରୋହରେ ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟର ଯୋଗ ବିଭାଗର ପ୍ରଫେସର ଡ଼ଃ ଶ୍ରୀମତୀ ପ୍ରତିଭା ଶ୍ରୀ ଯୋଗ ଦେଇ ଯୋଗ ସାଧନାର ଉପକାରିତା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ନିୟୁ ଏଲ ଆଇ ସି ନଗରର ଆବାସିକ ମଙ୍ଗଳ ସୋସାଇଟି ର ସଭାପତି, କୈଳାସ ଚନ୍ଦ୍ର ବଳ ମହୋଦୟ ଯୋଗ ଦ୍ୱାରା ମନୁଷ୍ୟ ଜୀବନରେ ଯୋଗ ର ପ୍ରଭାବ ଓ ଦୈନନ୍ଦିନ ଯୋଗ ଦ୍ୱାରା ମିଳୁଥିବା ଲାଭ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ, ପ୍ରାନ୍ତ ମନ୍ତ୍ରୀ, ମୁରଲୀଧର ସୁବୁଦ୍ଧି ସଭାପତିତ୍ୱ କରି କେନ୍ଦ୍ର ର ସାଧୀକା ଓ କର୍ମକର୍ତ୍ତା ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ବେଳେ ଜିଲ୍ଲା ପ୍ରଧାନ, ରାଜ କିଶୋର ଜୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜୀବନ ବୀମା କ୍ଷେତ୍ରର ପ୍ରଧାନ, ସରିତ୍ରୀ ଜୀ ଅତିଥି ପରିଚୟ କରାଇ ଥିଲେ। ଶକୁନ୍ତଳା ବେହେରା, ରମେଶ ଚନ୍ଦ୍ର ବେହେରା, ରବିନ୍ଦ୍ର ଜେନା ପ୍ରାନ୍ତ ସଦସ୍ୟା ଓ ସଦସ୍ୟ ଗଣ ଏବଂ ପ୍ରତପରୁଦ୍ର ଜେନା, କେ ଭି ଆପାରାଓ, ବୁଦ୍ଧଦେବ ମୁଣ୍ଡା, ପରମାନନ୍ଦ ପାତ୍ର ଇତ୍ୟାଦି ଜିଲ୍ଲା ପ୍ରଧାନ ମାନେ ଯୋଗ ଦେଇ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ୨୦୦ରୁ ଅଧିକ ସାଧିକା, ସାଧକ ଓ ଜନସାଧାରଣ ଉତ୍ସବ ରେ ଯୋଗ ଦେଇଥିଲେ। ଉକ୍ତ କେନ୍ଦ୍ର ର ଶିକ୍ଷୟିତ୍ରୀ ଗଣ, ଶୁଭଶ୍ରୀଜୀ, ମାନସୀଜୀ, ପ୍ୟାରୀଜୀ, ଟିଙ୍କିଜୀ, ମିଠୁଜୀ, କବିତାଜୀ, ସ୍ନେହଲତାଜୀ, ସସ୍ମୀତାଜୀ, ଭବାନୀଜୀ ବିଭିନ୍ନ ଆସନ, ପ୍ରାଣାୟମର ସୁନ୍ଦର ଅଭ୍ୟାସ କରାଇଥିଲେ। କେନ୍ଦ୍ର ର କେନ୍ଦ୍ର ପ୍ରମୁଖ, ହାରାମଣିଜୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟତ୍ରୀ, ସୋନୁଜୀ ମଚଂ ସଚାଂଳନ କରାଇ ଥିବା ବେଳେ, ବରିଷ୍ଠ ଶିକ୍ଷୟତ୍ରୀ, ନିବେଦିତା ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବଶେଷରେ କ୍ଷେତ୍ର ସଂଗଠନ ମନ୍ତ୍ରୀ, ସଂଯୁକ୍ତା ଜୀ ପ୍ରାର୍ଥନା ଓ ଶାନ୍ତି ପାଠ କରାଇଥିଲେ।

# ଝାଡ଼ାବାନ୍ତି ବ୍ୟାପିଥିବା ଅଂଚଳରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପଦକ୍ଷେପ

ପୁରୀ, ୨୯/୪ (ନି.ପ୍ର): ପୌରାଅଂଚଳ ୱାର୍ଡ ନମ୍ବର ନଅରେ ବ୍ୟାପିଥିବା ଝାଡ଼ାବାନ୍ତିର ଉପଚାର ଏବଂ ନିୟନ୍ତ୍ରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଜି ମଧ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ ଭାବରେ ତ୍ୱରାନିତ କରାଯାଇଥିଲା । ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନବାଡି କର୍ମୀଙ୍କୁ ନେଇ ଆଠଟି ଟିମ ଗଠନ କରାଯାଇ ଝାଡାବାନ୍ତି ବ୍ୟାପି ଥିବା ୱାର୍ଡ ଏବଂ ଏହାର ପାର୍ଶ୍ୱବର୍ତି ଅଂଚଳ ରେ ଘରକୁ ଘର ବୁଲି ସର୍ଭେ କରାଯିବା ସହିତ ଓଆରଏସ, ହାଲୋଯେନ ବଟିକା ଏବଂ ଔଷଧ ଇତ୍ୟାଦି ବଂଟନ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ଟିମ୍ ମୋଟ ରେ ୧୦୨୧ ଟି ଘର ସର୍ଭେ କରିଥିଲେ । ଶ୍ରୀ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ର ଏକ ଡାକ୍ତରୀ ଟିମ ଉକ୍ତ ଅଂଚଳରୁ ପାଣି ଏବଂ ଝାଡା ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିବା ସହିତ ସ୍ଥିତି ସୁଧାର ନିମନ୍ତେ ପ୍ରୟାସ କରିଥିଲେ। ଖାଦ୍ୟ ସୁରକ୍ଷା ଟିମ୍ ମଧ ଉକ୍ ଅଂଚଳ ପରିଦର୍ଶନ କରି ଖାଦ୍ୟ ନମୁନା ଯାଂଚ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜା ଶଙ୍କର ରଥ ଉକ୍ତ ଅଂଚଳ ପରିଦର୍ଶନ କରିଥିଲେ । ଆଜି ମଧ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଓଆରଏସ, ହାଲୋଯେନ ବଟିକା ଏବଂ ଔଷଧ ପ୍ରଦାନ କରାଯିବା ସହିତ ସଚେତନ କରାଯାଇଥିଲା । ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ ଏବଂ ସଚେତନତା ବାର୍ତା ପତ୍ରିକା ମଧ୍ୟ ବଂଟନ କରାଯାଇଥିଲା । ସ୍ଥିତିର ସୁଧାର ହୋଇଯିବ ନିମନ୍ତେ ଆଶାପ୍ରକାଶ କରାଯାଇଛି ।

# ଟ୍ରକ ପଛରେ ଅଟୋ ଧକ୍କା: ୪ ଆହତ

କୋରେଇ, ୨୯/୪ (ନି.ପ୍ର): ପାଣିକୋଇଲି ତାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପୋଟ୍ରୋଲପମ୍ପ ବିଦ୍ୟା କଲେଜ ସମ୍ମୁଖରେ ଆଜି ଅପରାହ୍ନରେ ଏକ ଟ୍ରକ ପଛରେ ଅଟୋ ଧକ୍କା ଦେବା ଫଳରେ ତିନି ମହିଳା ସମତେ ଚାଳକ ଆହତ ହୋଇଥିବା ଜଣାପଡ଼ିଛି । ପ୍ରକାଶଯେ ଜାତୀୟ ରାଜପଥରେ ଏକ ଅଟୋ ସାହାପୁର ଆଡୁ ପାଣିକୋଇଲି ଅଭିମୁଖେ ୩ ମହିଳା ଯାତ୍ରୀଙ୍କୁ ଧରି ଆସୁଥିବା ବେଳେ ଭାରସାମ୍ୟ ହରାଇ ଏକ ଟ୍ରକ ପଛରେ ପିଟିହୋଇଥିଲା । ଫଳରେ ଚାଳକ ସମେତ ୩ମହିଳା ଆହତ ହୋଇଥିଲେ । ଘଟଣାସ୍ଥଳେ ସ୍ଥାନୀୟ ଲୋକମାନେ ପହଂଚି ଆହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସାଳୟ ପଠାଇଥିଲେ । ତେବେ ଦୁର୍ଘଟଣା ପରେ ଟ୍ରକଟି ଫେରାର ହୋଇଯାଇଥିବା ବେଳେ ଅଟୋଟି ରାସ୍ତାରେ ପଡିରହିଛି ।

# ବାବାଜୀ କବିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା ସ୍ମରଣିକା ଉନ୍ମୋଚନ

କୋରେଇ, ୨୯/୪ (ନି.ପ୍ର): ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତ ଅନ୍ତର୍ଗତ ନମଟିକିରୀ ଗ୍ରାମର ସ୍ୱର୍ଗତ ବାବାଜି ଚରଣ କବିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ପୂର୍ବତନ ସରପଂଚ ଅଦ୍ୱୈତ୍ୟ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଂଟିଆ, ସମ୍ମାନୀତ ଅତିଥିଭାବେ ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବ ପ୍ରକାଶ ଦାସ ଯୋଗ ଦେଇଥିଲେ । ସ୍ୱର୍ଗତ କବିଙ୍କ ରାଜନୈତିକ ଜୀବନ ଓ ସମସ୍ତଙ୍କୁ ଭଲ ପାଇବାର ଶୈଳୀ ଓ ଅଶୋକ ଦାସଙ୍କ ସହ ତାଙ୍କର ନିବିଡତା ସର୍ମ୍ପକରେ ଆଲୋଚନା କରାଯିବା ସହ ସ୍ମୃତି ଚାରଣ କରାଯାଇଥିଲା । ଏହି ଅବସରରେ ୰ କବିଙ୍କ ସ୍ମୃତି ଉଦ୍ଦ୍ୟେଶରେ ଏକ ସ୍ମରଣିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କୋରେଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭିକାରୀ ଚରଣ ବରାଳ, ବ୍ୟଂଗ କବି ବାଇଧର ମାଝୀ, କବି ଭୂବନ ମୋହନ ମହାନ୍ତି, ଡା. ନିର୍ମଳ ରଥ, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ତାରିଣୀ ପଟ୍ଟନାୟକ, ଦୈତାରୀ ଧଳ,ରାଜକିଶୋର ସ୍ୱାଇ, ଦିଲ୍ଲୀପ ଧଳ, ଶ୍ରମିକ ନେତା ରଘୁନାଥ ମାଝୀ, ଗଣେଷ ମହାପାତ୍ର, କାର୍ତିକ ସ୍ୱାଇଁ, ଅକ୍ଷୟ ମହାନ୍ତି, କଳ୍ପତରୁ ମହାପତ୍ର, ଦେବେନ୍ଦ୍ର ନନ୍ଦ, ମଧୁସୂଦନ ସାହୁ, ସୂର୍ଯ୍ୟମଣି ପଣ୍ଡା, କୈଳାସ ଦାସଙ୍କ ସମେତ ବହୁ ବ୍ୟକ୍ତି ୰ କବିଙ୍କ ସ୍ମୃତି ଚାରଣ କରିଥିଲେ । ଶେଷରେ ଅକ୍ଷୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ପରିବାର ପକ୍ଷରୁ ପୁତ୍ର ବିଶ୍ୱନାଥ, କୁଶଧ୍ୱଜ, ରୁଷିକେସ, ହୃଷିକେଶ ସମତେ ସମସ୍ତ ପରିବାର ବର୍ଗ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମୋବାଇଲ ଲୁଟେରା ଅଦାଲତ ଚାଲାଣ

କୋରେଇ, ୨୯/୪ (ନି.ପ୍ର): ପାଣିକୋଇଲି ପୁଲିସ ଆଜି ଜଣେ ମେବାଇଲ ଲୁଟେରାକୁ ଗିରଫ କରି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ଜାତୀୟ ରାଜପଥରେ ମୋବାଇଲ ଲୁଟ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ପ୍ରତ୍ୟେହ ଅଭିଯୋଗର ଆସୁଛି । ପୁଲିସ ପୋଟ୍ରୋଲିଂଗ, ସାଧାପୋଷାକ ବାଇକ ପୋଟ୍ରୋଲିଂଗ, ରାଜପଥ ପୋଟ୍ରୋଲିଂଗକୁ ଖାତିର ନକରି ଲୁଟେରା ପୁଲିସଙ୍କ ଗତିବଧି ଉପରେ ନଜର ଦେଇ ଲୁଟ ଚଳାଇ ରହିଛି । ଏହି କ୍ରମରେ ବ୍ୟାସନଗର ପୌରାଂଚଳର ଉମାପଦା ଗ୍ରାମର ଯୁଧିଷ୍ଠିର ବଳଙ୍କ ପୁଅ ଅଶୋକ କୁମାର ବଳଙ୍କ ଏକ ମୋବାଇଲ ଚୋରି ହୋଇଥିଲା । ଗତ ୨୦୨୩ ମସିହା ସେପ୍ଟେମ୍ବର ୯ ତାରିଖ ଯାଜପୁର ଟାଉନରୁ ଯାଜପୁର ରୋଡ ଘରକୁ ଫେରୁଥିବା ସମୟରେ ସଠିପୁର ଭାରତ ପେଟ୍ରୋଲପମ୍ପ ନିକଟରେ ୨ଜଣ ଯୁବକ ବାଇକରେ ଆସି ତାଙ୍କ ମୋବାଇଲଟିକୁ ଛଡାଇ ନେଇଯାଇଥିଲେ । ଶ୍ରୀ ବଳଙ୍କ ସାମସଂଗ ଏ-୫୩ ମୋବାଇଲଟି ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ଏକ ମାମଲା ୨୪୬/୨୩ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିଲା । ଉକ୍ତ ଚୋରି ମୋବାଇଲଟି କେଉଁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣ୍ଡୁଆ ଗ୍ରାମର ଜଣେ ଯୁବକ ବ୍ୟବହାର କରୁଥିବା ଜଣାପଡିବା ପରେ ଉକ୍ତ ଯୁବକ ମୋବାଇଲଟିକୁ ଶ୍ରୀ ବଳଙ୍କୁ ଜିମା ଦେଇଥିଲେ । ସେ ଏହି ମୋବାଇଲଟି ରାବଣା ଅଂଚଳରୁ କିଣିଥିବା ସୂଚନା ଦେଇଥିଲେ । ସାଗର ଦାସ ନାମକ ଯୁବକଙ୍କ ନିକଟୁ ଉକ୍ତ ମୋବାଇଲ କିଣିଥିବା ଓ ସେ ଶଙ୍ଖଚିଲା ହିଂଗୁଳା ଯାତ୍ରାରେ ବୁଲୁଥିବାର ସୂଚନା ପାଇ ପୁଲିସ ଚଢାଉ କରିଥିଲା । ସାଗରକୁ ଧରିବା ପରେ ସେ ଭଦ୍ରକ ଜିଲ୍ଲା ଧାମମନଗର ଥାନା ଅନ୍ତର୍ଗତ ନୂଆପାଡା ଗ୍ରାମର ଜିଜୁ ଦାସଙ୍କ ପୁଅ ସାଗର ଦାସ (୩୦) ବୋଲି ଜଣାପଡିଥିଲା । ଆଜି ତାକୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ ।

# ପ୍ରଥମ ଦିନରେ ୫ ପ୍ରାର୍ଥୀପତ୍ର ଦାଖଲ

ପୁରୀ, ୨୯/୪ (ନି.ପ୍ର): ପୁରୀ ଲୋକସଭା ଆସନରୁ ବିଜେପିର ପ୍ରାର୍ଥୀ ହୋଇଥିବା ଡା. ସମ୍ବିତ ପାତ୍ର, ପିପିଲି ବିଧାନସଭା ଆସନରୁ ବିଜେପିର ଜିଲ୍ଲା ସଭାପତି ତଥା ବିଜେପିର ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାନସଭା ଆସନରୁ ବିଜେଡ଼ି ପ୍ରାର୍ଥୀ ସୁନିଲ ମହାନ୍ତି ଓ ସ୍ୱାଧିନ ପ୍ରାର୍ଥୀ ହରେକୃଷ୍ଣ ସିଂହାରୀ, ସତ୍ୟବାଦୀ ବିଧାନସଭା ଆସନରୁ ବିଜେଡ଼ି ପ୍ରାର୍ଥୀ ସଞ୍ଜୟ ଦାସବର୍ମା ପ୍ରମୁଖ ଆଜି ନିଜ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏହା ପୂର୍ବରୁ ସମସ୍ତ ପ୍ରାର୍ଥୀ ନିଜର ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଉପଜିଲ୍ଲାପାଳଙ୍କ ନିକଟରେ ୧୦୭ ନଂ ପୁରୀ ସଦର ନିର୍ବାଚନ ମଣ୍ଡଳିର ପ୍ରାର୍ଥୀ ମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୧୧୦ ନଂ ପିପିଲି ପାଇଁ ଡେପୁଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଛପାର୍ଶ୍ୱରେ ଥିବା ହଲ୍ ରେ ପ୍ରାର୍ଥୀପତ୍ର ଦାଖଲ କରାଯାଉଛି । ସେହିପରି ସତ୍ୟବାଦୀ ପାଇଁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରାଯାଉଛି । ଲୋକସଭା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରାଯାଉଛି । ପ୍ରାର୍ଥୀପତ୍ର ଦାଖଲ କରିବା ପୂର୍ବରୁ ସମ୍ବିତ ପାତ୍ର ଆଜି ପୂର୍ବାହ୍ନରେ ଉତରା ଠାରୁ ଏକ ଶୋଭାଯାତ୍ରାରେ ବାହାରି ପିପିଲି, ସାକ୍ଷିଗୋପାଳ ଦେଇ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଂଚିଥିଲେ। ସେଠାରୁ ବଡ଼ଦାଣ୍ଡ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ଶୋଭାଯାତ୍ରାରେ ତାଙ୍କ ସହ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରିରୁ ବିଜେପି ବିଧାୟିକା ପ୍ରାର୍ଥିନୀ ଉପାସନା ମହାପାତ୍ର, ରାଜ୍ୟ ଉପସଭାପତି ଶଙ୍କର୍ଷଣ ପରିଡାଙ୍କ ସହ ଅନ୍ୟାନ୍ୟ ନେତୃବୃନ୍ଦ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ସେହିପରି ସଞ୍ଜୟ ସାକ୍ଷିଗୋପାଳ ଠାରୁ ନିଜ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

# କଂଗ୍ରେସରୁ ଇସ୍ତଫା ଦେଲେ ଦୁଲାଲ୍ ପ୍ରଧାନ

ସମ୍ବଲପୁର, ୨୯/୪ (ନି.ପ୍ର): କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ଦୁଲାଲ୍ ପ୍ରଧାନ । ଦୁଲାଲଙ୍କ ଠାରୁ ଟିକେଟ୍ ଫେରାଇ ନେବା ପରେ ସେ ଦଳ ଛାଡିଛନ୍ତି । ସେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନିକଟକୁ ନିଜର ଇସ୍ତଫାପତ୍ର ପଠାଇଛନ୍ତି ।

ପ୍ରକାଶ ଥାଉକି, ଦୁଲାଲଙ୍କୁ ସମ୍ବଲପୁର ଲୋକସଭାରୁ ପ୍ରାର୍ଥୀ କରିଥିଲା କଂଗ୍ରେସ । ଗତକାଲି ଦୁଲାଲଙ୍କୁ ବଦଳାଇ ନଗେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା ଦଳ । ଯାହାକୁ ନେଇ ଅସନ୍ତୁଷ୍ଟ ଥିଲେ ଦୁଲାଲ୍ ।

# ରାତ୍ରକାଳୀନ ମହାବୀର ପ୍ରିମିୟର ଲିଗ ଉଦ୍‌ଯାପିତ: ମହାରଣା ଫର୍ଣ୍ଣିଚର ଚମ୍ପିଆନ

କୋରେଇ, ୨୯/୪ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦାରେ ରାତ୍ରକାଳୀନ ମହାବୀର ପ୍ରିମିୟର ଲିଗ (ଏମପିଏଲ)୨୦୨୪ ଗୁରୁବାର ରାତ୍ରୀରେ ଉଦ୍ଘାଟିତ ଶନିବାର ଉଦ୍‌ଯାପିତ ହୋଇଛି । ୩ରାତ୍ର ବ୍ୟାପି ଏହି କ୍ରିକେଟ ପ୍ରତିଯୋଗୀତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତା ଗୋପିନାଥ ନାଇଟ ରାଇଡର, ଉତ୍କଳମଣି ଏକାଦଶ, କୁରାଶୁଣୀ ରାଇଜିଂଗ ଷ୍ଟାର(ମହାରଣା ଫର୍ଣ୍ଣିଚର), ଏମ,ଏଫଏସ, ପ୍ରତ୍ୟୁଷ ପାୱାର ହିଟର, ଏସକେଏସ ସ୍କାଏ ୱାଲକରସ, ବ୍ରଦର୍ସ ଇଲେଭେନ, ବାସୁଦେବ ଗେମ ସୁଇଂଗର୍ସ ପ୍ରମୁଖ ଦଳ ଦଳ ଭାଗନେଇଥିଲେ । ଫାଇନାଲ ମ୍ୟାଚ ମହାରଣା ଫର୍ଣ୍ଣିଚର ବନାମ ଗୋପିନାଥ ନାଇଟ ରାଇଡର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିଣି ମହାରଣା ଫର୍ଣ୍ଣିଚର ପ୍ରଥମେ ବ୍ୟାଟିଂଗ କରିଥିବା ବେଳେ ଗୋପିନାଥ ରାଇଟ ରାଇଡର ଦ୍ୱିତୀୟ ଦଫାରେ ବ୍ୟାଂଟିଙ୍ଗ କରି ପରାଜିତ ହୋଇଥିଲା । ଫଳରେ ଚଳିତ ବର୍ଷ ମହାରଣା ଫର୍ଣ୍ଣିଚର ଚମ୍ପିଅନ ହୋଇଥିଲା । ।ଏହି ଖେଳକୁ ପିଂଟୁ ନାଥ ଓ ସନ୍ତୋଷ ଦାସ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶ୍ରୀକାନ୍ତ ଦାସ ଓ ସତ୍ୟଜିତ ସେନାପତି ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ କୋରେଇର ପୂର୍ବତନ ବିଧାୟକ ତଥା ବର୍ତମାନର ବିଜେପି ବିଧାୟକ ପ୍ରାର୍ଥି ଆକାଶ ଦାସ ନାୟକ, ସମ୍ମାନୀତ ଅତିଥିଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ପ୍ରଦୀପ ମାଝୀ, ସେକ ଜହର ଅଲ୍ଲୀ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନସରଅପ ଦଳକୁ ପୁରସ୍କୃତ କରିଥିଲେ। ସମୀର ସାହୁ, ଅଭିମନ୍ୟୁ ପରିଡା, ଅଜୟ କୁମାର ଗିରି, ଲକ୍ଷ୍ମଣ ମାଝୀ, ପ୍ରତାପ ପରିଡା, ପ୍ରଦୀପ ମାଝୀ, ଲୋଟନ ସାହୁ ପ୍ରମୁଖଙ୍କ ସମେତ ଏମପିଏଲର କର୍ମକର୍ତା ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଖେଳାଳୀ ଓ ଟିମ ମାଲିକ ମାନେ ଉପସ୍ଥିତ ଥିଲେ ।

# ଜୀବନର ସୁରକ୍ଷା ହିଁ ଜୀବନ ରକ୍ଷା



ପ୍ରତ୍ୟେକ କାମର ପୂର୍ବରୁ ପରସ୍ପର ମଧ୍ୟରେ କଥାବାର୍ତ୍ତା ବା ଆଲୋଚନାର ଯଥେଷ୍ଟ ଆବଶ୍ୟକତା ରହିଛି । ଏଥିରେ କିଛି ଭୂଲ ବୁଝାମଣା ରହିଗଲେ କାମଟି ଠିକ୍ ଭାବେ ହୁଏ ନାହିଁ । ଫଳରେ ଲାଭ ପରିବର୍ତ୍ତେ କ୍ଷତି ହୋଇଥାଏ । ନିଜ ଜୀବନର ସୁରକ୍ଷା ପାଇଁ ସାରା ବିଶ୍ୱରେ ପ୍ରତ୍ୟେକ ବ୍ୟକ୍ତି ବେଶ ସଚେତନ । ଆମେ ସମସ୍ତେ ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି କର୍ମକ୍ଷେତ୍ର ଯାଏ ବିଭିନ୍ନ ପ୍ରକାର ସ୍ୱପ୍ନ ଦେଖିଥାଉ । ବିଶେଷ କରି କର୍ମକ୍ଷେତ୍ରରେ ସୁରକ୍ଷା ନିୟମ ପ୍ରସ୍ତୁତ କରାଯାଇ ତାହାର କଡ଼ାକଡ଼ି ଭାବେ ପାଳନ ପାଇଁ ବ୍ୟବସ୍ଥା କରାଯାଇଥାଏ । ପ୍ରତ୍ୟେକ ମୂହୂର୍ତ୍ତରେ  ସଚେତନ ହେବା ପାଇଁ ସୁରକ୍ଷା ନିୟମକୁ ପ୍ରଦର୍ଶିତ କରାଯାଇଥାଏ । ଏହାର ମୂଳ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତି ସବୁବେଳେ ନିଜ ସୁରକ୍ଷାର ଦାୟିତ୍ୱ ନିଜେ ନେବେ । ଆମେ ସମେସ୍ତେ ଚାହାନ୍ତି ଏକ ନିରାପଦ ଜୀବନ । ଜୀବନରେ ବାଧାବିଘ୍ନ ଅବା ବିପଦ ଆପଦର ସମ୍ମୁଖୀନ ହେବାକୁ କେହି ବି ଚାହାନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ସବୁବେଳେ ନିଜ ସୁରକ୍ଷାର ଦାୟିତ୍ୱ ନିଜେ ନେବେ । ଆମେ ସମସ୍ତେ ଚାହାନ୍ତି ଏକ ନିରାପଦ ଜୀବନ । ଜୀବନରେ ବାଧାବିଘ୍ନ ଅବା ବିପଦ ଆପଦର ସମ୍ମୁଖୀନ ହେବାକୁ କେହି ବି ଚାହାନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ଘଟଣାରେ କିଛି ନା କିଛି ବିପଦଆପଦ ସୃଷ୍ଟି ହେବାର ସମ୍ଭାବନା ରହିଥାଏ । ଏଣୁ ଏହାର ନିରାକରଣ ପାଇଁ ଆମ୍ଭମାନଙ୍କୁ ସେ ଦିଗରେ ଆଗୁଆ ବିଚାର କରିବାକୁ ହେବ । ଆମେ ଅନେକ କିଛି ବିଷୟେ ଜାଣିଥିଲେ ବି ସେ ସମ୍ପର୍କରେ ପ୍ରଥମରୁ ସତର୍କ ନହେବା ଦ୍ୱାରା ନିଜେ ହିଁ ବିପଦକୁ ନିମନ୍ତ୍ରଣ କରିଥାଉ । କଥାରେ ଅଛି ଆଲୋ ସଖି ଆପଣା ମହତ ଆପେରଖି । ନିଜର ସୁରକ୍ଷା ପ୍ରତି ନିଜେ ଯତ୍ନବାନ ହେଲେ ହିଁ ଆମେ ଅନେକ ବିପଦକୁ ଆଡ଼େଇ ଦେଇପାରିବା । ଏଥିପାଇଁ ମୁଣ୍ଡକୁ ଥଣ୍ଡା ରଖି ସକାରାତ୍ମକ ମନୋଭାବରେ ନିଜର ସୁରକ୍ଷା ବିଷୟରେ ଗଭୀରଭାବେ ଅନୁଧ୍ୟାନ କରିବାକୁ ପଡ଼ିବ । ବାର୍ତ୍ତାଳାପରେ ସୁରକ୍ଷା ବାର୍ତ୍ତାଳାପ ବା ଆଳାପ ଆଲୋଚନା ଆମ ଜୀବନର ଆଧାର । ନିଜର ମନର ଭାବନାକୁ ସଠିକ୍ ରୂପେ ଅନ୍ୟକୁ ଜଣାଇବା ହିଁ ସଫଳ ବାର୍ତ୍ତାଳାପ । ପ୍ରତ୍ୟେକ କାମର ପୂର୍ବରୁ ପରସ୍ପର ମଧ୍ୟରେ କଥାବାର୍ତ୍ତା ବା ଆଲୋଚନାର ଯଥେଷ୍ଟ ଆବଶ୍ୟକତା ରହିଛି । ଏଥିରେ କିଛି ଭୁଲ ବୁଝାମଣା ରହିଗଲେ କାମଟି ଠିକ୍ ଭାବେ ହୁଏ ନାହିଁ । ଫଳରେ ଲାଭ ପରିବର୍ତ୍ତେ କ୍ଷତି ହୋଇଥାଏ । ଏଣୁ ଅନେକ ସମୟରେ ବହୁତ ଲୋକ କହିବା ପରିବର୍ତ୍ତେ ଚୁପ୍ ରହିବାକୁ ପସନ୍ଦ କରିଥାନ୍ତି । ତାଙ୍କ ମତରେ କହିବା ଦ୍ୱାରା ଯଦି ବିପଦ ସୃଷ୍ଟି ହେଉଛି ବରଂ  ଚୁପ୍ ରହିବା ଶ୍ରେୟସ୍କର । ଆମର ଅନେକ ସମସ୍ୟା ବାର୍ତ୍ତାଳାପରୁ ସୃଷ୍ଟି ହୋଇଥାଏ । ତେଣୁ ବାର୍ତ୍ତାଳାପରେ ସୁରକ୍ଷା ବଜାୟ ରଖିବା ପାଇଁ ଚେଷ୍ଟା କରିବା ନିହାତି ଜରୁରୀ । କାହାକୁଚ କିଛି କହିବା ପୂର୍ବରୁ ଗଭୀର ଭାବରେ ଭାବିବା ଉଚିତ୍ ଯେ ମୋ କଥାଦ୍ୱାରା କାହାର କିଛି କ୍ଷତି ହେଉନାହିଁ ତ ?ଅନେକ ଲୋକ ନିଜକୁ ଅତି ବୁଦ୍ଧିଆ ଭାବି ମନକୁ ଯାହା ଆସେ ତାହା କହି ଦେଇଥାନ୍ତି । ଏହାଦ୍ୱାରା ଅନ୍ୟଲୋକଟି କଥାଟିକୁ ଠିକରୂପେ ବୁଝି ନପାରି କାମଟି ଭୁଲ କରିଥାନ୍ତି । ଫଳରେ କ୍ଷତି ହିଁ ହୋଇଥାଏ । ପାଟିରୁ ଥରେ କଥା ଖସିଗଲେ ଆଉ ଫେରିଆସେ ନାହିଁ । ଏଣୁ କିଛି କହିବା ପୂର୍ବରୁ ଟିକିଏ ଭାବିବା ଦରକାର । ଯୋଗାଯୋଗରେ ଅନେକ ବାଧା ରହିଛି ସେ ସମ୍ପର୍କରେ ଆଗରୁ ସଚେତନ ରହିଲେ ଆମେ ବିପଦକୁ ଏଡ଼ାଇ ଦେଇପାରିବା ।

### ଦୈନନ୍ଦିନ ଜୀବନରେ ସୁରକ୍ଷା:

ସକାଳୁ ଉଠିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଆମର ବିଭିନ୍ନ ପ୍ରକାର ଦୈନନ୍ଦିନ କାମ ଚାଲିଥାଏ । ପୁରୁଷ ହେଉ ଅବା ମହିଳା ସମସ୍ତଙ୍କ ପାଇଁ କିଛିଟା କାମ ସମାନ ଥାଏ । ପ୍ରତିଦିନର ନିତ୍ୟକର୍ମଗୁଡ଼ିକ ଯେପରିକି ଦାନ୍ତଘଷାଠାରୁ ନେଇ ଗାଧୋଇବା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସମାନ । ମହିଳାମାନେ ରୋଷେଇ କାମରେ ବ୍ୟସ୍ତ ରହିଲାବେଳେ ପୁରୁଷମାନେ ହାଟବଜାରଠାରୁ ଆରମ୍ଭ କରି ଅନ୍ୟାନ୍ୟ କାମ ପ୍ରତ୍ୟେକ ଦିନ କରିଥାନ୍ତି । ପ୍ରତିଟି କାମରେ ବିପଦର ଆଶଙ୍କା ରହିଛି । ଏପରିକି ଅନେକ ଗାଧୁଆ ଘରେ ଗୋଡ଼ ଖସିବାରେ ମଧ୍ୟ ଦୁର୍ଘଟଣାର ଶିକାର ହୋଇଛନ୍ତି । ରୋଷେଇ ସମୟରେ ମହିଳାମାନେ ଅନେକ ଛୋଟବଡ଼ ଦୁର୍ଘଟଣାର



ସମ୍ମୁଖୀନ ହୋଇଥାନ୍ତି । କିଛି ଜଣ ରନ୍ଧନ ଗ୍ୟାସର ନିଆଁରେ ମଧ୍ୟ ଜଳିଯାଇଛନ୍ତି । ପରିବା କାଟୁକାଟୁ ହାତ କଟିଯାଇଛି । ଘର ଚଟାଣରେ ଗୋଡ଼ଖସି ମୁଣ୍ଡ ଫାଟିଯାଇଛି । ଏହିପରି ଅନେକ ପ୍ରକାରର ଦୁର୍ଘଟଣା ଆମର ଦୈନନ୍ଦିନ ଜୀବନରେ ଘଟିଥାଏ । ଏଣୁ ଆମକୁ ସବୁବେଳେ ସତର୍କ ରହିବାକୁ ହେବ । କୌଣସି କାମକୁ ହେୟଜ୍ଞାନ ମନେକରିଲେ ନିଜେ ହିଁ ବିପଦକୁ ଟାଣିଆଣିବା । ଛୋଟ ହେଉ ଅବା ବଡ଼ ପ୍ରତ୍ୟେକ କାମରେ ଆଗପଛ ବିଚାରକରି ସୁରକ୍ଷାର ସତର୍କତା ଅବଲମ୍ବନ କଲେ ନିଶ୍ଚିତ ମାତ୍ରାରେ ନିଜକୁ ବିପଦମୁକ୍ତ କରିପାରିବା ।

### କର୍ମକ୍ଷେତ୍ରରେ ସୁରକ୍ଷା:



ଜଣେ ବ୍ୟକ୍ତି ଯେ କୌଣସି ପ୍ରକାରର ଅନୁଷ୍ଠାନରେ କାମ କରନ୍ତୁ ପଛକେ ତାଙ୍କର କର୍ମକ୍ଷେତ୍ରରେ କିଛି ନା କିଛି ବିପଦ ରହିଛି । ସେ କାରଖାନାରେ ହେଉ ଅବା ସାଧାରଣ ଅଫିସରେ ହେଉ ସବୁଠି ବିପଦର ଆଶଙ୍କା ରହିଛି । କାରଖାନାରେ କାମ କରୁଥିବା ଲୋକମାନଙ୍କର ସୁରକ୍ଷାପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ପ୍ରସ୍ତତ କରାଯାଇଥାଏ । ଲୋକମାନଙ୍କୁ ସୁରକ୍ଷା ସମ୍ପର୍କରେ ସଚେତନ କରିବା ପାଇଁ ତାଲିମ ଦିଆଯିବା ସହିତ ପୋଷ୍ଟର ଓ ଚିତ୍ର ମାଧ୍ୟମରେ ସୂଚନା ଦିଆଯାଇଥାଏ । କିନ୍ତୁ ଲୋକମାନଙ୍କର ସେଥିପ୍ରତି ଅବହେଳା ଯୋଗୁଁ ଅନେକ ସମୟରେ ସେମାନେ ବିପଦରେ ପଡ଼ିଥାନ୍ତି । ଏପରିକି ଜୀବନ ମଧ୍ୟ ହରାଇଥାନ୍ତି । ଏସବୁ କଥାଦେଖି ଓ ଜାଣି ବି ଲୋକମାନେ ସତର୍କ ହୁଅନ୍ତି ନାହିଁ । ନିଜ ସୁରକ୍ଷାର ଦାୟିତ୍ୱ ନିଜେ ନିଅନ୍ତି ନାହିଁ। ଯଥା ଦୁଇଚକିଆ ଯାନ ଚଳାଇଲା ବେଳେ ଅନେକ ଲୋକ ମୁଣ୍ଡରେ ହେଲମେଟ୍ ପିନ୍ଧନ୍ତି ନାହିଁ । କେତେକ ଲୋକ ନିଜକୁ ଅତି ବୁଦ୍ଧିଆ ଭାବି ବାହାଦୂରୀ ଭାବେ ବିପଦପୂର୍ଣ୍ଣ କାମ କରିଥାନ୍ତି । ଏଣୁ କାର୍ଯ୍ୟକ୍ଷେତ୍ରରେ କରାଯାଇଥିବା ସୁରକ୍ଷା ନିୟମଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କଲେ ହିଁ ଆମେ ନିରାପଦରେ କାମ କରିପାରିବା । ସୁରକ୍ଷା ନିୟମ ପାଳନ କଲେ ହିଁ ଆମେ ନିରାପଦରେ କାମ କରିପାରିବା । ସୁରକ୍ଷା ନିୟମ ପାଳନ କରିବାଟା ଆମମାନଙ୍କର ମନୋବୃତ୍ତି ଉପରେ ନିର୍ଭର କରେ । ବାହାଦୂରୀ ଦେଖାଇବା ପାଇଁ ଦୁଃସାହସିକ କାର୍ଯ୍ୟ କରିବା ଆଦୌ ଉଚିତ୍ ନୁହେଁ । କାର୍ଯ୍ୟ କ୍ଷେତ୍ରକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ।

# ରାତିରେ ଗୁଡ଼ ପାଣି ପିଇଲେ ଦୂର ହୁଏ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

**ଗୁଡ଼ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା ପ୍ରାୟ ସମସ୍ତଙ୍କୁ ଜଣା। ଲୌହ ବା ଆଇରନରେ ଭରପୂର ଗୁଡ଼ ଶରୀରରେ ରକ୍ତହୀନତା ଦୂର କରିବାରେ ସାହାଯ୍ୟ କରେ। କିନ୍ତୁ ଜାଣନ୍ତି କି, ଯଦି ରାତିରେ ଶୋଇବା ପୂର୍ବରୁ ଗୁଡ଼ ଖାଆନ୍ତି, ତେବେ ଏହା ସ୍ୱାସ୍ଥ୍ୟ ଉପରେ ଅନେକ ଭଲ ପ୍ରଭାବ ପକାଇଥାଏ। ରାତିରେ ଗୁଡ ଖାଇବା ଦ୍ୱାରା କି କି ଉପକାରିତା ମିଳିଥାଏ, ଜାଣନ୍ତୁ...**

*ରାତିରେ ଶୋଇବା ପୂର୍ବରୁ ଗୁଡ ଖାଇବାର ଉପକାରିତା:-*

**କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ:-** ଅଧିକାଂଶ ଲୋକଙ୍କର କୋଷ୍ଠକାଠିନ୍ୟର ସମସ୍ୟା ଥାଏ, ଏହି ସମସ୍ୟାକୁ ଦୂର କରିବା ପାଇଁ ଗୁଡ଼ ବେଶ ଲାଭଦାୟକ। ଯଦି ପ୍ରତିଦିନ ଶୋଇବା ପୂର୍ବରୁ ଗରମ ପାଣି ସହ ଗୁଡ଼ ଖାଆନ୍ତି, ତେବେ କୋଷ୍ଠକାଠିନ୍ୟ ଦୂର ହୋଇପାରେ। ଏହା ବ୍ୟତୀତ ଅମ୍ଳତା ଦୂର ପାଇଁ ଗରମ ପାଣିରେ ଗୁଡ଼ ମିଶାଇ ପିଇପାରିବେ।

**ଭଲ ନିଦ ହୋଇଥାଏ:-** ଅଧିକାଂଶ ଲୋକ ବିଭିନ୍ନ କାରଣରୁ ରାତିରେ ଠିକରେ ଶୋଇପାରନ୍ତି ନାହିଁ। ଏପରି ସମସ୍ୟା ଥିଲେ ଗୁଡ଼ ଖାଇବା ଲାଭଦାୟକ। ନିଦ୍ରାହୀନତା ସମସ୍ୟା ଦୂର କରିବା ପାଇଁ ଶୋଇବା ପୂର୍ବରୁ ଗରମ ପାଣିରେ ଗୁଡ଼ ମିଶାଇ ପିଅନ୍ତୁ।

**ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି:-** ଗୁଡ଼ ଖାଇବା ଦ୍ୱାରା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ସମସ୍ୟା ଦୂର ହୋଇଥାଏ। ମ୍ୟାଗ୍ନେସିୟମ୍, ଆଇରନ୍, ପୋଟାସିୟମ୍ ଏବଂ ଅନେକ ଭିଟାମିନ୍ ଗୁଡ଼ରୁ ମିଳିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

**ଗଳା ସମସ୍ୟା:-** ଯଦି କାଶ, ଗଳା ଯନ୍ତ୍ରଣା କିମ୍ବା ଗଳାରେ କୁଣ୍ଡେଇ ହେବା ପରି ଅନୁଭୂତ ହେଉଛି, ତେବେ ଗୁଡ଼ ଖାଇବା ଲାଭଦାୟକ ହୋଇପାରେ। ଅଦା ସହିତ ଗୁଡ଼କୁ ଗରମ କରି ଖାଇବା ଦ୍ୱାରା ଗଳା ଯନ୍ତ୍ରଣା, କାଶ କିମ୍ବା କୁଣ୍ଡେଇ ହେବା ସମସ୍ୟାରୁ ମୁକ୍ତି ମିଳିଥାଏ।

**ଗୁଡ଼ ପାଣି କିପରି ପ୍ରସ୍ତୁତ କରିବେ ?**

ଗୁଡ଼ ପାଣି ତିଆରି କରିବା ପାଇଁ ପ୍ରଥମେ ଏକ ଗ୍ଲାସ ଗରମ ପାଣି ନିଅନ୍ତୁ। ଏହା ପରେ ସେଥିରେ ଗୋଟିଏ ଖଣ୍ଡ ଗୁଡ଼ ମିଶାଇ ରଖନ୍ତୁ। ଭଲ ବାବେ ଗୁଡ଼ ପାଣିରେ ମିଶିଯିବା ପରେ ଏହି ପାଣିକୁ ରାତିରେ ଶୋଇବା ପୂର୍ବରୁ ପିଅନ୍ତୁ। ନିୟମିତ ଏହି ପାଣି ପିଇବା ଫଳରେ ଉପରସ୍ଥ ଉପକାରିତା ସହ ପେଟଜନିତ ସମସ୍ୟା ମଧ୍ୟ ଦୂର ହୋଇପାରେ।



# ଘରେ ବନାନ୍ତୁ ସୁଆଦିଆ ଚିଙ୍ଗୁଡ଼ି ପତ୍ର ପୋଡ଼ା



ଆବଶ୍ୟକ ସାମଗ୍ରୀ: ଚିଙ୍ଗୁଡ଼ି, କଟା କଞ୍ଚା ଲଙ୍କା, କଟା ପିଆଜ, ସୋରିଷ ବଟା, କଦଳୀ ପତ୍ର, ଲେମ୍ବୁ ରସ, ଲୁଣ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଦଳୀ ପତ୍ରକୁ ଭଲ ଭାବେ ଧୋଇ ଶୁଖାଇ ଦିଅନ୍ତୁ। ପରେ ବଜାରରୁ ଆଣିଥିବା ଚିଙ୍ଗୁଡ଼ିକୁ ଭଲ ଭାବରେ ଧୋଇ ଦିଅନ୍ତୁ। ଏଥିରେ ତେଲ, କଟା ପିଆଜ, ସୋରିଷ ବଟା, କଟା ପିଆଜ, ଲେମ୍ବୁ ରସ ଓ କଞ୍ଚା ଲଙ୍କା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ କଦଳୀ ପତ୍ରରେ ରଖନ୍ତୁ ଓ ପତ୍ରକୁ ମୋଡ଼ି ସୂତାରେ ବାନ୍ଧିଦିଅନ୍ତୁ।

ତା'ପରେ ଏହାକୁ ଚୁଲି ଭିତରେ ରଖନ୍ତୁ (ମନେ ରଖିବେ ଚୁଲିରେ ମଧ୍ୟମ ଆଞ୍ଚ ରହିବ)। ପୋଡ଼ିବା ବାସ୍ନା ଆସିଲେ ଏହାକୁ ଓଲଟାଇ ଦିଅନ୍ତୁ। ଉଭୟ ପାର୍ଶ୍ୱ ଭଲ ଭାବେ ସିଝିବା ଲାଗି ୧୦ରୁ ୧୫ ମିନିଟ୍ ସମୟ ଲାଗିବ। ଏହା ପରେ ଏହାକୁ ଚୁଲିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ସୁଆଦିଆ ଚିଙ୍ଗୁଡ଼ି ପତ୍ର ପୋଡ଼ା। ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।

# ଟିଭି ଦେଖିଲେ ବି ହୋଇପାରେ କ୍ୟାନସର!

ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ହେଉଥିବେ; ମାତ୍ର ଏହା ସତ । ଯଦି ଆପଣ ଟିଭି ପ୍ରେମୀ ହୋଇଥାନ୍ତି, ତେବେ ଏବେଠୁ ସାବଧାନ ହୋଇଯାନ୍ତୁ । ,କ ସଦ୍ୟ ଗବେଷରାରୁ ଜଣାପଡ଼ିଛି, ଯଦି ଆପଣ ଦୀର୍ଘ ସମୟ ଧରି ଟିଭି ଦେଖୁଥାନ୍ତି କିମ୍ବା କମ୍ପ୍ୟୁଟର ଏବଂ ମୋବାଇଲ ସ୍କ୍ରିନରେ ସମୟ ବ୍ୟତୀତ କରୁଥାନ୍ତି, ତେବେ ଆପଣଙ୍କ ପାକସ୍ଥଳୀ କ୍ୟାନସର ହେବାର ସମ୍ଭାବନା ରହିଛି । ହାଭାର୍ଡ ମେଡିକାଲ ସ୍କୁଲ ଏବଂ ମାସାଚୁସେଟ୍ସ ଜର୍ଣ୍ଣାଲ ହସ୍ପିଟାଲରେ କରାଯାଇଥିବା ଗବେଷଣାରେ କୁହାଯାଇଛି, ଯଦି କୌଣସି ବ୍ୟକ୍ତି ଦିନକରେ ଦୁଇଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ବସିରହି ଟିଭି ଦେଖୁଥାନ୍ତି, ତେବେ ତାଙ୍କୁ ପାକସ୍ଥଳୀ କ୍ୟାନସର ହେବାର ସମ୍ଭାବନା ୭୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଏ । ଏହି ଗବେଷଣା ଜେଏନସାଇ କ୍ୟାନସର ସ୍ପେକ୍ଟ୍ରମ ପତ୍ରିକାରେ ପ୍ରକାଶିତ ହୋଇଛି । ଗବେଷଣା ମୁତାବକ, ଯେଉଁମାନଙ୍କ ବୟସ ୫୦ରୁ କମ୍ ସେମାନଙ୍କର ଅନିୟମିତ ଜୀବନଶୈଳୀ କ୍ୟାନସର



କାରଣ ହୋଇପାରେ । ଏହି କ୍ୟାନସର ପାଇଁ ସାମାନ୍ୟ ଭାବେ 'ପାକସ୍ଥଳୀ କ୍ୟାନସର' କିମ୍ବା 'ବୋୱେଲ କ୍ୟାନସର' ଶବ୍ଦ ପ୍ରୟୋଗ କରାଯାଏ । ଯଦି ପ୍ରାରମ୍ଭିକ ସୋପାନରେ ଏହାର ଚିହ୍ନଟ କରାଯାଇ ଚିକିତ୍ସା କରାଯାଏ, ତେବେ ରୋଗ ଆରୋଗ୍ୟସାଧ ହୋଇଥାଏ ।

# ମଧୁମେହ ଠୁ ଓଜନ ନିୟନ୍ତ୍ରଣ କରେ ଅଳସୀ ମଞ୍ଜି

**ବର୍ତ୍ତମାନ ସମୟରେ ମଧୁମେହ ଓ ଓଜନ ବୃଦ୍ଧି ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ଦେଖାଯାଉଛି। ଏହି ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ମେଡିସିନ ଅପେକ୍ଷା ଜୀବନଶୈଳୀରେ ପରିବର୍ତ୍ତନ ଏବଂ କେତେକ ଖାଦ୍ୟ କଟକଣା ସର୍ବୋତ୍ତମ ବିକଳ୍ପ। ତେବେ ଆଜିର ଆଲେଖ୍ୟରେ ଆମେ ଏପରି ଏକ ଫୁଲର ମଞ୍ଜି ବାବଦରେ ଆଲୋଚନା କରିବା, ଯାହା ମଧୁମେହ ସମେତ ଓଜନକୁ ମଧ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରିବ...**

ଏହି ଫୁଲ ହେଉଛି ଅଳସୀ। ଅଳସୀ ଫୁଲର ମଞ୍ଜି ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ। ଏଥିରେ ପ୍ରଚୁର ପରିମାଣର ଫାଇବର ଥାଏ, ଯାହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଅଧିକ ଫାଇବର କାରଣରୁ ଅଳସୀ ମଞ୍ଜିଗୁଡିକ କମ୍ ଗ୍ଲାଇସେମିକ୍ ଖାଦ୍ୟ ଭାବରେ ବିବେଚନା କରାଯାଏ। ଏହାର ଅର୍ଥ, ସେଗୁଡିକ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଇବ ନାହିଁ ଏବଂ ରକ୍ତରେ ଶର୍କରା ନିୟନ୍ତ୍ରଣ ରହିବ।

*ଅଳସୀ ମଞ୍ଜି ମଧୁମେହ ରୋଗୀଙ୍କୁ ଥକ୍କାପଣରୁ ମଧ ମୁକ୍ତି ଦେଇଥାଏ। ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ଅଳସୀ ମଞ୍ଜି କିପରି ପ୍ରଭାବଶାଳୀ, ଜାଣନ୍ତୁ...*

ମଧୁମେହ ରୋଗୀମାନେ ଖାଦ୍ୟରେ ଅଳସୀ ମଞ୍ଜିକୁ କାଢା ଆକାରରେ ସାମିଲ କରିପାରିବେ। ଏହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଓଜନ, ରକ୍ତଚାପ, ଥାଇରଏଡ୍ ଏବଂ ପେଟ ସମ୍ବନ୍ଧୀୟ ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ ଅଳସୀ ମଞ୍ଜି।

*ଅଳସୀ ମଞ୍ଜି କାଢା ପ୍ରସ୍ତୁତ ପ୍ରଣାଳୀ*

ପ୍ରଥମେ ଦୁଇ କପ୍ ପାଣିରେ ୨ ଚାମଚ ଅଳସୀ ମଞ୍ଜି ମିଶାନ୍ତୁ। ଏହା ପରେ ପ୍ୟାନରେ କିଛି ପାଣି ଗରମ କରି ସେଥିରେ ଭିଜା ହୋଇଥିବା ମଞ୍ଜି ପକାଇ କିଛି ସମୟ ଫୁଟାନ୍ତୁ। ଭଲ ଭାବେ ଫୁଟିଯିବା ପରେ ଏହି ପାଣିକୁ ଛାଣି ପିଅନ୍ତୁ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୦ ଏପ୍ରିଲ ୨୦୨୪, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦାରିଦ୍ର୍ୟ ଦୂରୀକରଣ ...

ମିଳିତ ଜାତିସଂଘ ଦ୍ୱାରା ଧାର୍ଯ୍ୟ ନିରନ୍ତର ବିକାଶ ଲକ୍ଷ୍ୟର ଅନ୍ୟତମ ସୋପାନ ହେଉଛି ବିଶ୍ୱର ସବୁ ରାଷ୍ଟ୍ର ୨୦୩୦ ସୁଦ୍ଧା ବହୁମୁଖୀ ଦାରିଦ୍ର୍ୟମୁକ୍ତ ହେବା ଆବଶ୍ୟକ। ଜାତିସଂଘ ଦ୍ୱାରା ବହୁମୁଖୀ ଦାରିଦ୍ର୍ୟର ଯେଉଁ ସଂଜ୍ଞା ନିରୂପଣ କରାଯାଇଛି ସେଥିରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ଖାଦ୍ୟ ନିରାପତ୍ତା, ପୁଷ୍ଟିସାଧନ, ଶିକ୍ଷାରେ ସ୍ୱାବଲମ୍ବନଶୀଳତା, ସାମାଜିକ-ଅର୍ଥନୈତିକ ମାନଦଣ୍ଡର ବିକାଶ ଆଦି କାରକ ଅନ୍ତର୍ଭୁକ୍ତ। ୟୁଏନ୍‌ଡିପିର ରିପୋର୍ଟ ଅନୁସାରେ ସମଗ୍ର ବିଶ୍ୱରେ ଏବେ ୧୧୦ କୋଟି ଲୋକ ବହୁମୁଖୀ ଦାରିଦ୍ର୍ୟ ବର୍ଗରେ ଥିବା ବେଳେ ଭାରତ ସମେତ ଦକ୍ଷିଣ-ଏସିଆ ଓ ଆଫ୍ରିକାରେ ସେମାନଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ। ତେଣୁ ଭାରତ ପରି ବିଶାଳ ଓ ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶରେ ବହୁମୁଖୀ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଭାରତରେ ସ୍ୱାଧୀନତା ପରବର୍ତ୍ତୀ ସମୟରୁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟସ୍ତରରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାରୀ, ଅର୍ଦ୍ଧସରକାରୀ ଓ ବେସରକାରୀ କ୍ଷେତ୍ରରେ ନିରନ୍ତର ଉଦ୍ୟମ ଚାଲିଛି। ଖାଦ୍ୟ ନିରାପତ୍ତା, ନିଶ୍ଚିତ ରୋଜଗାର ଯୋଜନା, ମାଗଣା ବା ରିହାତି ଦରରେ ବିଜୁଳି, ପାଣି, ଇନ୍ଧନ, ଘର, ସ୍ୱାସ୍ଥ୍ୟସେବା, ପୁଷ୍ଟିସାଧନ, କୃଷି ବୀମା ଓ ରିହାତି ବାବଦ ନଗଦ ହସ୍ତାନ୍ତର ଆଦି ବିଭିନ୍ନ ଯୋଜନା ଜରିଆରେ ସରକାର ବିପୁଳ ପରିମାଣର ଅର୍ଥ ସମାଜରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ହିତାଧିକାରୀମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯୋଗାଇ ଆସୁଛନ୍ତି। ଏ ଦିଗରେ ଯୋଜନା ଆୟୋଗ, ନିତି ଆୟୋଗ, ଜେ-ପଲ୍ ସାଉଥ ଏସିଆ, ଅମିଜ୍ ପ୍ରେମଜୀ ଫାଉଣ୍ଡେସନ୍, ସେୱା ପରି ଅନେକ ସଂସ୍ଥା ମଧ୍ୟ ନିରନ୍ତର ଗବେଷଣା ଓ ପ୍ରୟୋଗ ଜାରି ରଖିଛନ୍ତି। ଦାରିଦ୍ର୍ୟ ଦୂରୀକରଣରେ ଏସବୁର ପ୍ରଭାବ ମଧ୍ୟ ଅନେକାଂଶରେ ଉପଲବ୍ଧ ହେଉଛି। କିନ୍ତୁ ଦାରିଦ୍ର୍ୟ ଦୂରୀକରଣ ହାରକୁ ଅନୁଶୀଳନ କଲେ ମିଳିତ ଜାତିସଂଘର ଲକ୍ଷ୍ୟ ସୁଦୂର ପରାହତ ହେବାର ଆଶଙ୍କା ସୃଷ୍ଟି ହେଉଛି। ଏହି ପୃଷ୍ଠଭୂମିରେ ସାର୍ବଜନୀନ ମୌଳିକ ଆୟ ବା ୟୁନିଭର୍ସାଲ୍ ବେସିକ୍ ଇନ୍‌କମ୍(ୟୁବିଆଇ)କୁ ଦାରିଦ୍ର୍ୟ ଦୂରୀକରଣର ଏକ ବିକଳ୍ପ ଯୋଜନା ଭାବେ କାର୍ଯ୍ୟକାରୀ କରିବାକୁ ମତ ପ୍ରକାଶ ପାଇ ଆସୁଛି। ବହୁମୁଖୀ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ପ୍ରତ୍ୟକ୍ଷ ନଗଦ ବା ଅର୍ଥର ଗୁରୁତ୍ୱ ଅଧିକ ଥିବାରୁ ୟୁବିଆଇ ଏକ ଫଳପ୍ରଦ ବିକଳ୍ପ ସାବ୍ୟସ୍ତ ହେବାର ଆଶା ରହିଛି। ଅନେକ ଦେଶରେ ଓ ଭାରତର ବିଭିନ୍ନ ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ବେକାରୀ ଭତ୍ତା, ଶିଶୁ କଲ୍ୟାଣ ଭତ୍ତା, ମାତୃତ୍ୱ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଆଦି ଯୋଜନାରେ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଜରିଆରେ ସମାଜର ଗରିବ ବର୍ଗର ଜନସାଧାରଣଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ପଦକ୍ଷେପମାନ ନିଆଯାଉଛି। କିନ୍ତୁ ୟୁବିଆଇ ହେଉଛି ଏପରି ଏକ ଚିନ୍ତାଧାରା, ଯେଉଁଥିରେ ସମାଜର ଆର୍ଥିକ ଦୃଷ୍ଟିରୁ ବୃହତ୍ତର ଦୁର୍ବଳ ବର୍ଗର ସମସ୍ତ ଲୋକଙ୍କୁ ମାସିକ ଏକ ନିର୍ଦ୍ଦିଷ୍ଟ ପରିମାଣର ନିଶ୍ଚିତ ଓ ନିୟମିତ ନଗଦ ରାଶି ନିଃସର୍ତ୍ତ ଭାବରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ସାଧାରଣତଃ ନିର୍ବାଚନରେ ସମୟରେ ୟୁବିଆଇ ଏବଂ ପ୍ରାୟତଃ ସେହି ଧରଣର ଯୋଜନା ଘୋଷଣା କିମ୍ବା ଚର୍ଚ୍ଚା ହୁଏ। ୟୁବିଆଇ ଚିନ୍ତାଧାରାର ଆଦ୍ୟଜନକ ହେଉଛନ୍ତି ଇଂଲିଶ୍ ଦାର୍ଶନିକ ଥୋମାସ୍ ମୋର। ୧୫୧୬ ମସିହାରେ ସେ ଯେଉଁ ସମାଜ ବ୍ୟବସ୍ଥାର ପରିକଳ୍ପନା କରିଥିଲେ ସେଥିରେ ସମସ୍ତଙ୍କୁ ନିଶ୍ଚିତ ଆୟର ପ୍ରସ୍ତାବ ଥିଲା। ତାଙ୍କର ପ୍ରସିଦ୍ଧ ଉକ୍ତି ଥିଲା କଠୋରରୁ କଠୋରତମ ଦଣ୍ଡ ନୁହେଁ, ବରଂ ଯଦି ସମସ୍ତଙ୍କୁ ବଞ୍ଚିବା ପାଇଁ ଅପରିହାର୍ଯ୍ୟ ଅର୍ଥରାଶି ଯୋଗାଇବା ନିଶ୍ଚିତ କରିଦିଆଯାଏ ତେବେ ଚୋରି ଭଳି ଅପରାଧ ଉଲ୍ଲେଖନୀୟ ହ୍ରାସ ପାଇପାରିବ। ପରବର୍ତ୍ତୀ ସମୟରେ ଥୋମାସ୍ ସ୍ପେନ୍‌ସ, ଥୋମାସ୍ ପାଇନ୍, ବର୍ଟ୍ରାଣ୍ଡ ରସେଲ୍‌ଙ୍କ ପରି ଅର୍ଥନୀତିଜ୍ଞମାନେ ନିଜସ୍ୱ ପରିକଳ୍ପନାରେ ୟୁବିଆଇ ଚିନ୍ତାଧାରାକୁ ଆହୁରି ପରିବର୍ଦ୍ଧିତ ଓ ପରିବ୍ୟାପ୍ତ କରିଥିଲେ। ମଡେଲ୍ ଭିନ୍ନ ହେଲେ ମଧ୍ୟ ସମସ୍ତଙ୍କର ପ୍ରାୟ ସମାନ ଉଦ୍ଦେଶ୍ୟ ଥିଲା ଯେ ଦାରିଦ୍ର୍ୟକୁ ଗୋଟିଏ ପିଢ଼ିରେ ହିଁ ସୀମିତ କରି ସମାଜରେ ଅର୍ଥନୈତିକ ସମାନତା ଆଣିବାରେ ୟୁବିଆଇ ଏକ ଶ୍ରେଷ୍ଠ ବିକଳ୍ପ। ଐତିହାସିକଙ୍କ ମତରେ ୟୁବିଆଇ ଚିନ୍ତାଧାରା ଖ୍ରୀଷ୍ଟପୂର୍ବ ୪୬ରୁ ରୋମରେ କାର୍ଯ୍ୟକାରୀ ହୋଇସାରିଥିଲା। ତେବେ ଏହାର ବ୍ୟବସ୍ଥିତ ଓ ପ୍ରୟୋଗାତ୍ମକ ରୂପରେଖ ସାମ୍ନାକୁ ଆସିଲା ୨୦୦୮ ମସିହାରେ। ସେହିବର୍ଷ ନାମିବିଆରେ ବିଶ୍ୱର ପ୍ରଥମ ୟୁବିଆଇ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲା। ଇତିମଧ୍ୟରେ ଭାରତ ସମେତ ବିଶ୍ୱର ଆଠଟି ଦେଶରେ ୟୁବିଆଇର ପାଇଲଟ୍ ପ୍ରକଳ୍ପ ସଫଳ ଭାବେ କାର୍ଯ୍ୟକାରୀ ହୋଇସାରିଛି। କିନ୍ତୁ କେବଳ ଇରାନ୍ ଓ ମଙ୍ଗୋଲିଆକୁ ଛାଡ଼ିଦେଲେ କୌଣସି ଦେଶର ସରକାର ଏହାକୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ନାହାନ୍ତି। ଭାରତରେ ସରକାରୀ ଭାବେ ୟୁବିଆଇ କାର୍ଯ୍ୟକାରୀ କରିବାର ପ୍ରଥମ ପ୍ରୟାସ ଆରମ୍ଭ ହୋଇଥିଲା ୨୦୧୬-୧୭ରେ। ସେହିବର୍ଷର ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟରେ ୟୁବିଆଇ ସପକ୍ଷରେ ତତ୍କାଳୀନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଅରବିନ୍ଦ ସୁବ୍ରମଣ୍ୟନ୍ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ ଦ୍ୱାରା ଗଠିତ 'ଅସମାନତା ଆୟୋଗ' ରିପୋର୍ଟରେ ମଧ୍ୟ ଏହା ସପକ୍ଷରେ ସୁପାରିସ କରାଯାଇଥିଲା। ସୁବ୍ରମଣ୍ୟନ୍‌ଙ୍କ ଏହି ପ୍ରସ୍ତାବର ଆଧାର ଥିଲା ୨୦୧୦ରେ ଭାରତ ଓ ଏସିଆର ପ୍ରଥମ ୟୁବିଆଇ ପାଇଲଟ୍ ପ୍ରକଳ୍ପର ସଫଳତା ଓ ନିଷ୍କର୍ଷ। ୨୦୧୦ ରୁ ୨୦୧୩ ମଧ୍ୟରେ 'ସେୱା' ନାମକ ମହିଳା ସଂଗଠନ, ମଧ୍ୟପ୍ରଦେଶ ସରକାର ଓ ୟୁନିସେଫ୍ ଆନୁକୂଲ୍ୟରେ ମଧ୍ୟପ୍ରଦେଶରେ 'ମଧ୍ୟପ୍ରଦେଶ ଅନ୍‌କଣ୍ଡିସନାଲ୍ କ୍ୟାସ୍ ଟ୍ରାନ୍ସଫର ପ୍ରୋଜେକ୍ଟ' ନାମରେ କେତୋଟି ପାଇଲଟ୍ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଦିଲ୍ଲୀରେ ମଧ୍ୟ ଏକା ସମୟରେ ଦୁଇଟି ପ୍ରକଳ୍ପ ଆରମ୍ଭ ହେଲା। ଏ ସମସ୍ତ ପ୍ରକଳ୍ପ ରିପୋର୍ଟରେ ଉଲ୍ଲେଖ ଥିଲା ଯେ ଏହି ଯୋଜନାର ହିତାଧିକାରୀମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଆଦି ସାମାଜିକ କ୍ଷେତ୍ର ସହିତ ଆର୍ଥିକ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି, ଋଣ ଭାର ହ୍ରାସ ପାଇଛି, ଉତ୍ପାଦକତା ବଢ଼ିଛି।

## ନ୍ୟାୟିକ ତର୍ଜମାରେ ପ୍ରାର୍ଥୀଙ୍କ ସମ୍ପତ୍ତି



ଗଙ୍ଗାଧର ସାମଲ

ବର୍ତ୍ତମାନ ଗଣତନ୍ତ୍ରର ମହାପର୍ବ କୁହାଯାଉଥିବା ନିର୍ବାଚନ ଚାଲିଛି। ନିର୍ବାଚନରେ ପ୍ରତିନିଧିତ୍ୱ କରୁଥିବା ପ୍ରାର୍ଥୀଙ୍କ ପାଇଁ ନିଜର ସମ୍ପତ୍ତି ତାଲିକା ପ୍ରଦାନର ଯେଉଁ ବ୍ୟବସ୍ଥା ରହିଛି ତାହା ଭାରତୀୟ ଲୋକପ୍ରତିନିଧିଙ୍କର ଅଂଶବିଶେଷ। ଏହାର ମୂଳଭିତ୍ତି ଓ ଉଦ୍ଦେଶ୍ୟ ହେଉଛି ୧୯୫୧ ଦୁର୍ନୀତି ନିରୋଧୀ ଆଇନର ଧାରା ୧୨୩(୨) ଅନୁସାରେ ନିର୍ବାଚନକୁ ଧନ ବଳରୁ ମୁକ୍ତ ରଖିବା ଓ ଆର୍ଥିକ ଦୃଷ୍ଟିରୁ ପ୍ରତିପତ୍ତିଶାଳୀ କୁହାଯାଉଥିବା ଅର୍ଥାତ ଧନାଢ଼୍ୟ ପ୍ରାର୍ଥୀଙ୍କ ବିଷୟରେ ମତଦାତାଙ୍କୁ ସୂଚିତ କରି ସେମାନଙ୍କୁ ସତର୍କ କରିବା। ଯାହାଦ୍ୱାରା ଲୋକମାନେ ସଚେତନ ହେଲେ ଏହି ଧନାଢ଼୍ୟ ପ୍ରାର୍ଥୀମାନେ ବା ବାହୁ ବଳରେ ଭୋଟରଙ୍କୁ ପ୍ରଭାବିତ କରିପାରିବେ ନାହିଁ। ଭାରତୀୟ ଗଣତନ୍ତ୍ର ଯାହା ବିଶ୍ୱର ସର୍ବବୃହତ, ଏଥିରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀମାନେ ନିଜ ଖର୍ଚ୍ଚ ନିଜେ ତୁଲାଇଥାନ୍ତି। ଭାରତରେ ନିର୍ବଚନରେ ଲଢୁଥିବା ପ୍ରାର୍ଥୀମାନଙ୍କୁ ରାଷ୍ଟ୍ର ପାଣ୍ଠି ବା ଅର୍ଥ ଯୋଗାଇବା ଯାହାକୁ ଷ୍ଟେଟ୍ ଫଣ୍ଡିଂ କୁହାଯାଏ, ସେ ବ୍ୟବସ୍ଥା ନାହିଁ। ଏହା ସାଧାରଣ କଥା ଭାରତରେ ନିର୍ବାଚନ ଲଢ଼ିବା ଅତ୍ୟନ୍ତ ବ୍ୟୟବହୁଳ। ରାଜନୈତିକ ଦଳମାନେ ଆଗରୁ ବିଭିନ୍ନ ସୂତ୍ରରୁ ଆର୍ଥିକ ସହାୟତା ବା ଚାନ୍ଦା ସଂଗ୍ରହ କରୁଥିଲେ। ଏହା ଉପରେ ବାଦାନୁବାଦ ହେବାରୁ ସରକାର ପଲଟିକାଲ ବଣ୍ଡ ବ୍ୟବସ୍ଥା ଦ୍ୱାରା ଏହି ରାଜନୈତିକ ଦଳର ପାଣ୍ଠି ସଂଗ୍ରହର ବ୍ୟବସ୍ଥା କରୁଥିଲେ। ନିକଟରେ ସୁପ୍ରିମକୋର୍ଟ ଏହି ବଣ୍ଡର ପେଡ଼ି ଖୋଲିବା ପରେ ଜନସାଧାରଣଙ୍କ ସହ ସାଧାରଣ ଭୋଟରମାନେ ଏହି ବିଷୟରେ ବିଶେଷଭାବେ ଜାଣିବାକୁ ସକ୍ଷମ ହୋଇଛନ୍ତି।

ମାନ୍ୟବର ସୁପ୍ରିମକୋର୍ଟଙ୍କ କହିବାନୁଯାୟୀ ଜଣେ ପ୍ରତିଦ୍ୱନ୍ଦୀ ସମ୍ପତ୍ତି ଓ ଉପାର୍ଜନର ସୂତ୍ର ସମ୍ବନ୍ଧୀୟ ସମସ୍ତ ତଥ୍ୟ ଟିକିନିଖି ଭାବେ ପ୍ରାର୍ଥୀପତ୍ର ଦାଖଲ କରୁଥିବା ବେଳେ ସତ୍ୟପାଠ ଜରିଆରେ ଜଣେଇବାର ପ୍ରୟୋଜନ ନାହିଁ। ପ୍ରାର୍ଥୀଙ୍କ ସମ୍ପତ୍ତିର ସାମଗ୍ରିକ ସମସ୍ତ ତଥ୍ୟ ମଧ୍ୟ ଭୋଟରମାନେ ଜାଣିବାର କୌଣସି କାରଣ ନାହିଁ ବୋଲି ମାନ୍ୟବର ସୁପ୍ରିମକୋର୍ଟ ମତ ଦେବା ସହ ଏହା ପ୍ରାର୍ଥୀଙ୍କର ରାଇଟ-ଟୁ ପ୍ରାଇଭେସିର ବିରୋଧୀ ହୋଇଯିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ତେବେ ମାନ୍ୟବର ସର୍ବୋଚ୍ଚ ଅଦାଲତ ଏକଥା କିନ୍ତୁ ବେଶ୍ ସୁସ୍ପଷ୍ଟ କରିଛନ୍ତି ଯେ ପ୍ରାର୍ଥୀ ସମ୍ପତ୍ତି ତାଲିକା ପ୍ରଦାନ ବେଳେ କୌଣସି ଛୋଟମୋଟ ସମ୍ପତ୍ତି ଉଲ୍ଲେଖ କରିନଥିଲେ ଏହା ଦୋଷାବହ ଅନ୍ତର୍ଭୁକ୍ତ ହେବନାହିଁ। କିନ୍ତୁ ଏ ସମ୍ପତ୍ତି ଭିତରେ କୌଣସି ମୂଲ୍ୟବାନ ସାମଗ୍ରୀ ରହିବା ଅନୁଚିତ। ଏହା ଅନେକାଂଶରେ ବିଭିନ୍ନ ମହଲ ମଧ୍ୟ ଏହାକୁ ସ୍ୱାଗତ କରୁଛନ୍ତି। ସବୁଠାରୁ ବଡ଼ କଥା ହେଉଛି ପ୍ରାର୍ଥୀମାନେ ନିଜର ତଥା ଯୌଥ ପରିବାରର ବା ପତ୍ନି କିମ୍ବା ପିଲାଙ୍କର ସମ୍ପତ୍ତି ବିଷୟରେ ସବିଶେଷ ତାଲିକା ଦେବାର ଅଯଥା ଟେନସନରୁ ମୁକ୍ତି ପାଇବେ। ଏହାଦ୍ୱାରା ସେମାନଙ୍କ ରାଇଟ-ଟୁ ପ୍ରାଇଭେସି ମଧ୍ୟ ସୁରକ୍ଷିତ ରହିବ।

ଆମେ ଆଲୋଚନା କରୁଥିବା ପ୍ରସଙ୍ଗ ଅତ୍ୟନ୍ତ ରୋଚକ ଓ ଚର୍ଚ୍ଚିତ ମଧ୍ୟ। କାରଣ ଏ ଘଟଣାଟି ଅରୁଣାଚଳ ପ୍ରଦେଶର। ଅରୁଣାଚଳ ପ୍ରଦେଶର ଜଣେ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ବିଜୟଲାଭ ପରେ ପରାଜିତ ହୋଇଥିବା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଏକ ନିର୍ବାଚନ ମାମଲା ରୁଜୁକରି ମାନ୍ୟବର ଅଦାଲତକୁ ଜଣାଇଥିଲେ ଯେ ବିଜୟଲାଭ କରିଥିବା ପ୍ରାର୍ଥୀ ତାଙ୍କ ଦୁଇପୁଅଙ୍କ ଦ୍ୱାରା ସେମାନଙ୍କର ମାଲିକାନାର ଥିବା ତିନୋଟି ଗାଡ଼ି ସମ୍ବନ୍ଧରେ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି। ଏହି କାରଣ ପାଇଁ ତାଙ୍କ ସଭ୍ୟପଦ ରଦ୍ଦ ହୋଇଗଲା। ତେବେ ଏ ମାମଲା ମାନ୍ୟବର ସୁପ୍ରିମକୋର୍ଟକୁ ଆସିବା ପରେ ମାନ୍ୟବର କୋର୍ଟ ସମ୍ପୃକ୍ତ ବିଧାୟକଙ୍କ ତାଙ୍କ ବିଧାୟକ ପଦ ପୁନଃ ବାହାଲ୍ କରିବା ସହ ଉପରୋକ୍ତ ମତ ଦେଇଛନ୍ତି। ମାନ୍ୟବର ଅଦାଲତ ଏହା ମଧ୍ୟ କହିଛନ୍ତି ଯେ ପ୍ରାର୍ଥୀ ଜଣକ ତାଙ୍କର ଏଗାର କୋଟିରୁ ଅଧିକ ସମ୍ପତ୍ତିର ସମସ୍ତ ସୂଚନା ଦେଇଥିଲାବେଳେ ଛୋଟମୋଟ ହିସାବ ଛାଡ଼ି ଯାଇଥିବାରୁ ଏହା ଏକ ଧର୍ତ୍ତବ୍ୟ ଦୋଷାବହ ଅପରାଧ ଭାବେ ବିବେଚନା କରାଯାଇନପାରେ। ମାନ୍ୟବର ଅଦାଲତଙ୍କ ନିର୍ଦ୍ଦେଶନାମାକୁ ଆଇନଗତ ପ୍ରସଙ୍ଗରେ ଚିନ୍ତାକଲେ ଏହା ସୁସ୍ପଷ୍ଟ ଯେ ସବୁ ପ୍ରସଙ୍ଗରେ ଅତି ଟିକିନିଖି ଭାବରେ ଆଇନକୁ କଠୋର ଭାବେ ପ୍ରୟୋଗ କଲେ ଏହା ଅନେକ ବିଭ୍ରାଟର କାରଣ ହେବ। ଦୁର୍ନୀତି ରୋକିବା ଓ ନିର୍ବାଚନକୁ ଅର୍ଥବଳରୁ ମୁକ୍ତ କରିବା ପ୍ରୟାସରେ ଆଇନ କାହିଁକି ନାଗରିକର ଏକାନ୍ତତା ଓ ତାହାର ସମସ୍ତ ଉପାର୍ଜନ ଏବଂ ସମ୍ପତ୍ତି ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିବାକୁ ସୁଯୋଗ ଦେବ? ବାସ୍ତବ ଦୃଷ୍ଟିରେ ଦେଖିଲେ ଏହା ଜଣେ ନାଗରିକର ମୌଳିକ ଅଧିକାର ଉପରେ ଆରୋପ୍ୟ ନୁହେଁ କି? ବର୍ତ୍ତମାନର ସମୟକୁ ଦେଖିଲେ ସମ୍ପତ୍ତିର ପରିଭାଷା ବଦଳି ଯାଇଛି। ଜଣକର ଏକ ଦାମୀ କାର, ଉଚ୍ଚ ମୂଲ୍ୟର ମୋବାଇଲ ବା ହାତଘଣ୍ଟା ସାଧାରଣ ଲୋକଙ୍କ ପାଇଁ ଅକଳନୀୟ। ଏଣୁ ଏ କ୍ଷେତ୍ରରେ ସମ୍ପତ୍ତିର ତାଲିକା ପ୍ରକାଶ ଯୁକ୍ତିଯୁକ୍ତ ନିଶ୍ଚୟ। ଅଦାଲତ ମଧ୍ୟ ଏହା ସ୍ପଷ୍ଟ କରିଛନ୍ତି ଯେ ତଥ୍ୟ ପ୍ରକାଶ ବେଳେ ସମ୍ପତ୍ତିର ମୂଲ୍ୟକୁ ଭିନ୍ନ ଭିନ୍ନ ପରିସ୍ଥିତିରେ ସ୍ୱତନ୍ତ୍ର ଭାବେ ବିଚାରକୁ ନେବାକୁ ପଡ଼ିବ। ମାନ୍ୟବର ଅଦାଲତ କହିବାନୁଯାୟୀ ଜଣେ ଯଦି ୧୦୦ କୋଟି ଟଙ୍କାର ସମ୍ପତ୍ତିର ହିସାବ ଦେଉଛି ସେ ଜାଗାରେ କେହି ଲକ୍ଷ ଟଙ୍କାର ଗାଡ଼ି ବା ମୋବାଇଲ ଦର୍ଶାଇନଥିଲେ ଏହାକୁ ଗୁରୁତ୍ୱ ଦେଇ ଜଣେ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରିବା ଅନୁଚିତ। ବାସ୍ତବ କଥା ହେଉଛି ପ୍ରାର୍ଥୀମାନେ ନିଜ ସମ୍ପତ୍ତିର ତାଲିକା ଆଇନର ବ୍ୟବସ୍ଥା ଅନୁଯାୟୀ ଦେଉଥିଲେ ମଧ୍ୟ ସେମାନେ ବାସ୍ତବରେ ନିର୍ବାଚନରେ କେତେ ଟଙ୍କା ଉଡ଼ାନ୍ତି ଏହା ସମସ୍ତ ଭୋଟରଙ୍କୁ ବେଶ୍ ଜଣା। ଅସଲ କଥା ହେଉଛି ପ୍ରାର୍ଥୀଙ୍କ ସମ୍ପତ୍ତି ତାଲିକା ଘୋଷଣା ବ୍ୟବସ୍ଥା କେବଳ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନତାଙ୍କ ସୂଚନା ଅଧିକାରକୁ ଯାହା ସୁହାଉଥିଲା। ଭୋଟରମାନେ ପ୍ରାର୍ଥୀଙ୍କ ଧନସମ୍ପତ୍ତି ବିଷୟରେ ଜାଣିବାର ନିଶ୍ଚିନ୍ତ ଅଧିକାର ରହିଛି। ତେବେ ମାମୁଲି ସମ୍ପତ୍ତିର ତଥ୍ୟ ଅଭାବ ଏକ ବିରାଟ ବଡ଼ ଦୋଷ ନୁହେଁ ଯେ ଯେଉଁ କାରଣ ପାଇଁ ପ୍ରାର୍ଥୀ ଜଣେ ନିଜ ମୌଳିକ ଓ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେବ। ଏହି ଦୃଷ୍ଟିରୁ ଦେଖିଲେ ମାନବ୍ୟର ସୁପ୍ରିମକୋର୍ଟଙ୍କ ରାୟ ନିଶ୍ଚିନ୍ତ ଐତିହାସିକ ଓ ସ୍ୱାଗତଯୋଗ୍ୟ।


+ ଆଇନଜୀବୀ ଓଡ଼ିଶା ହାଇକୋର୍ଟ
(ମୋ) : ୮୩୨୮୯୪୮୬୪୩


## ଓଡ଼ିଶା ରାଜନୀତିରେ ମହିଳା

ଗିରିଧାରୀ ସାମଲ

**ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ବିଧାନସଭା ନିର୍ବାଚନ ଭିତରୁ ଯେଉଁ କେତେଜଣ ମହିଳା ଚର୍ଚ୍ଚାରେ ରହିବା ସହ ସେମାନେ ନିଜ ରାଜନୈତିକ କ୍ଷେତ୍ରକୁ ମର୍ଯ୍ୟାଦାର ସହ ବଢ଼ାଇଛନ୍ତି, ସେମାନଙ୍କ ଭିତରୁ ପ୍ରଥମେ ଆସିବେ ବସନ୍ତ ମଞ୍ଜରୀ ଦେବୀ ଯିଏକି ଥିଲେ ଓଡ଼ିଶାର ପ୍ରଥମ ମହିଳା ମନ୍ତ୍ରୀ। ହରେକୃଷ୍ଣ ମହତାବଙ୍କ ସରକାରରେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ନନ୍ଦିନ ଶତପଥୀ ହେଉଛନ୍ତି ରାଜନୀତି ଓ ସାହିତ୍ୟରେ ସୁପ୍ରତିଷ୍ଠିତ। କଂଗ୍ରେସ ଦଳ ପକ୍ଷରୁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ ହୋଇଥିଲେ। ସେହିଭଳି ଅନ୍ୟ ଜଣେ ହେଉଛନ୍ତି କଂଗ୍ରେସର ଜୟନ୍ତୀ ପଟ୍ଟନାୟକ। ସେ ଜାତୀୟ ମହିଳା କମିଶନର ପ୍ରଥମ ଅଧକ୍ଷା ଥିଲେ।**

ସମ୍ପ୍ରତି ରାଜନୀତିରେ ତାତି ଜୋର ଧରିଲାଣି, ଦିନକୁ ଦିନ ମହିଳାମାନେ ସଶକ୍ତ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତ। ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନରେ ଚଳିତ ଥର କଂଗ୍ରେସ, ବିଜେଡ଼ି ଓ ବିଜେପି ସମସ୍ତେ ମହିଳା କାର୍ଡ଼ ଖେଳିଛନ୍ତି। ଷୋଡ଼ଶ ବିଧାନସଭାରେ ମୋଟ୍ ୧୮ ଜଣ ମହିଳା ବିଧାୟକ ରହିଛନ୍ତି। ତେବେ ଏହି ନିର୍ବାଚନରେ ଅନ୍ୟାନ୍ୟ ଦଳ ତଥା ସ୍ୱାଧୀନ ପ୍ରାର୍ଥୀ ଭାବେ ମୋଟ ୧୧୩ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୧୯ ବିଧାନସଭା ନିର୍ବାଚନରେ କଂଗ୍ରେସ ଦେଇଥିଲା ମୋଟ ୧୩ ଜଣ ମହିଳା ପ୍ରାର୍ଥୀ। ସେମାନେ ଥିଲେ ଅମିତା ବିଶ୍ୱାଳ, ଦେବଯାନୀ ବେହେରା, ମନୋଜ ମଞ୍ଜରୀ ଦେବୀ, ସ୍ମୃତିରେଖା ପହି, ବନ୍ଦିତା ପରିଡ଼ା, ଯଶସ୍ୱିନୀ ରାଉତ, ସସ୍ମିତା ବେହେରା, ଯଶୋଦା ଗୋଣ୍ଡ, ମମତା ଭୋଇ, ରଶ୍ମି ମହାପାତ୍ର, ସ୍ୱାଗତିକା ପଟ୍ଟନାୟକ, ସୁଭଶ୍ରୀ ପଣ୍ଡା ଓ ଲକ୍ଷ୍ମୀପ୍ରିୟା ନାୟକ। ବିଗତ ପାଞ୍ଚବର୍ଷ ଭିତରେ ଓଡ଼ିଶାରେ ଭୋଟର ତାଲିକାରେ ପୁରୁଷମାନଙ୍କ ତୁଳନାରେ ପାଞ୍ଚଲକ୍ଷ ଅଧିକ ମହିଳା ଯୋଡ଼ି ହୋଇଛନ୍ତି। ରାଜ୍ୟର ୨୧ଟି ଲୋକସଭା ସିଟରୁ ପାଞ୍ଚଟିରେ ମହିଳା ମତଦାତା ଅଧିକ। ଏହି ଆସନଗୁଡ଼ିକ ହେଉଛି ସୁନ୍ଦରଗଡ଼, ନବରଙ୍ଗପୁର, ମୟୂରଭଞ୍ଜ, କେନ୍ଦୁଝର ଓ କୋରାପୁଟ। ଚଳିତ ବର୍ଷ ୮ ଲକ୍ଷ ନୂଆ ମତଦାତା ଯୋଡ଼ି ହୋଇଥିବା ବେଳେ ସେମାନଙ୍କ ଭିତରୁ ୩ ଲକ୍ଷ ହେଉଛନ୍ତି ମହିଳା ଭୋଟର।

ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ବିଧାନସଭା ନିର୍ବାଚନ ଭିତରୁ ଯେଉଁ କେତେଜଣ ମହିଳା ଚର୍ଚ୍ଚାରେ ରହିବା ସହ ସେମାନେ ନିଜ ରାଜନୈତିକ କ୍ଷେତ୍ରକୁ ମର୍ଯ୍ୟାଦାର ସହ ବଢ଼ାଇଛନ୍ତି, ସେମାନଙ୍କ ଭିତରୁ ପ୍ରଥମେ ଆସିବେ ବସନ୍ତ ମଞ୍ଜରୀ ଦେବୀ ଯିଏକି ଥିଲେ ଓଡ଼ିଶାର ପ୍ରଥମ ମହିଳା ମନ୍ତ୍ରୀ। ହରେକୃଷ୍ଣ ମହତାବଙ୍କ ସରକାରରେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ନନ୍ଦିନ ଶତପଥୀ ହେଉଛନ୍ତି ରାଜନୀତି ଓ ସାହିତ୍ୟରେ ସୁପ୍ରତିଷ୍ଠିତ। କଂଗ୍ରେସ ଦଳ ପକ୍ଷରୁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ ହୋଇଥିଲେ। ସେହିଭଳି ଅନ୍ୟ ଜଣେ ହେଉଛନ୍ତି କଂଗ୍ରେସର ଜୟନ୍ତୀ ପଟ୍ଟନାୟକ। ସେ ଜାତୀୟ ମହିଳା କମିଶନର ପ୍ରଥମ ଅଧକ୍ଷା ଥିଲେ। କଟକ ଓ ବ୍ରହ୍ମପୁର ଲୋକସଭା ଆସନରୁ ନିର୍ବାଚିତ ହୋଇ ଦୁଇ ଦୁଇଥର ସାଂସଦ ହୋଇପାରିଥିଲେ। ଚଳିତ ଥର ସବୁ ଦଳରୁ ମହିଳା ପ୍ରାର୍ଥୀ ମଇଦାନରେ ଛିଡ଼ା ହୋଇଛନ୍ତି। ତେବେ ସବୁଠାରୁ ରୋଚକ କଥା ହେଉଛି ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ ଏଥର ନିର୍ବାଚନ ନ ଲଢ଼ିବା କାରଣରୁ ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ପ୍ରାର୍ଥୀ ହେବାକୁ ଯାଉଛନ୍ତି ତାଙ୍କ ଝିଅ ସୋଫିଆ ଫିର୍‌ଦୋସ। ୨୦୧୪ରୁ କଂଗ୍ରେସର ପ୍ରାଥମିକ ସଦସ୍ୟ ରହିଥିବା ସୁଫିଆ ଫିରଦୋସ ତାଙ୍କ ବାପା ମହମ୍ମଦ ମୋକିମଙ୍କ ସହ ପୂର୍ବରୁ ନିର୍ବାଚନ ପ୍ରଚାର କରି ଲୋକମାନଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ରହି ଆସିଛନ୍ତି। ରାଜନୀତି ତାଙ୍କ ପାଇଁ ନୂଆ ନୁହଁ। ନିକଟରେ ଆଇନଗତ ଅଙ୍କୁଶ କାରଣରୁ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାୟକ ଇଂ. ମୋକିମ ଚଳିତ ନିର୍ବାଚନ ଲଢ଼ିବା ସମ୍ଭବ ହେଉନଥିବାରୁ କେବଳ କଟକ କଂଗ୍ରେସ ନୁହଁ ଓଡ଼ିଶା କଂଗ୍ରେସ ପକ୍ଷରୁ ସୋଫିଆ ଫିରଦୋସ ନାମ ଉଠୁଛି। ବାରବାଟୀ-କଟକକୁ ଏକପ୍ରକାର କଂଗ୍ରେସର ଗଡ଼ କରି ଆସିଥିବା ମୋକିମ ବାବୁ ପୁନର୍ବାର ଏହି ସିଟ୍ କଂଗ୍ରେସକୁ ବିଜୟୀ କରିବାପାଇଁ ନିଶ୍ଚିନ୍ତ ଗୋଟି ଚାଳନା କରିବେ। ତେବେ ଫିରଦୋସ ସମ୍ମାନଜନକ ବାରବାଟୀ-କଟକ କ୍ଷେତ୍ରରୁ ରେକର୍ଡ ବ୍ୟବଧାନରେ ବିଜୟଲାଭ କରିବାର ସମ୍ଭାବନା ରହିଥିବା ନେଇ ରାଜନୈତିକ ସମୀକ୍ଷକ ମତ ଦିଅନ୍ତି।

ଓଡ଼ିଶା ବିଧାନସଭାରେ ମହିଳା ବିଧାୟକଙ୍କ ନିର୍ବାଚନରେ ସାମିଲ ହେବା କଥା ଉଠିଲେ ଆଲୋଚନାକୁ ଆସେ ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ବିଧାନସଭା ନିର୍ବାଚନ। ଯାହା ୧୯୫୨-୧୯୫୭ ନିର୍ବାଚନ ଥିଲା। ଏହି ନିର୍ବାଚନରେ ସରସ୍ୱତୀ ଦେବୀ, ବସନ୍ତ ମଞ୍ଜରୀ ଦେବୀ ଓ ରାମ ମଞ୍ଜରୀ ଦେବୀଙ୍କୁ ମିଶାଇ ୩ଜଣ ମହିଳା ଲୋକ ପ୍ରତିନିଧି ବିଜୟୀ ହୋଇଥିଲେ। ଦ୍ୱିତୀୟ ନିର୍ବାଚନ ଯାହାକି ୧୯୫୭-୧୯୬୧ ନିର୍ବଚନ ହୋଇଥିଲା। ଏଥିରେ ପାଞ୍ଚଜଣ ବିଜୟଲାଭ କରିଥିଲେ। ସେହିପରି ୧୯୬୧-୧୯୬୭ ନିର୍ବାଚନରେ ମୋଟ୍ ପାଞ୍ଚଜଣ, ୧୯୬୭-୧୯୭୧ରେ ପାଞ୍ଚଜଣ, ୧୯୭୧-୧୯୭୩ ନିର୍ବାଚନରେ ମାତ୍ର ଜଣେ, ୧୯୭୪-୧୯୭୬ରେ ଚାରିଜଣ, ୧୯୭୭-୧୯୮୦ ନିର୍ବାଚନରେ ସାତଜଣ, ୧୯୮୦-୧୯୮୫ ନିର୍ବାଚନରେ ପାଞ୍ଚଜଣ, ୧୯୮୫-୧୯୯୦ ନିର୍ବାଚନରେ ଆଠଜଣ, ୧୯୯୦-୧୯୯୫ରେ ନଅଜଣ, ୧୯୯୫-୨୦୦୦ରେ ଦଶଜଣ, ୨୦୦୦-୨୦୦୪ ନିର୍ବାଚନରେ ୧୪ ଜଣ, ୨୦୦୪-୨୦୦୯ ନିର୍ବାଚନରେ ୧୨ ଜଣ, ୨୦୦୯-୨୦୧୪ରେ ମୋଟ୍ ସାତଜଣ ମହିଳା ବିଜୟଲାଭ କରିଥିଲେ। ୧୯୯୨ରେ ସ୍ୱର୍ଗତ ବିଜୁ ପଟ୍ଟନାୟକ ମହିଳାମାନଙ୍କ ପାଇଁ ପଞ୍ଚାୟତ, ପୌରାଞ୍ଚଳ ଓ ସରକାରୀ ଚାକିରିରେ ୩୩% ସଂରକ୍ଷଣ କରି ସମଗ୍ର ଦେଶରେ ଇତିହାସ ସୃଷ୍ଟି କରିଥିଲେ। ମହିଳାମାନେ ଆଜି ସବୁ କ୍ଷେତ୍ରରେ ଆଗୁଆ ଥିଲାବେଳେ ଅନେକ ସ୍ଥାନରେ ନେତାଙ୍କ ଝିଅମାନେ ମଧ୍ୟ ସଫଳ ହେଉଛନ୍ତି। କେନ୍ଦ୍ର କଥା ଦେଖିଲେ ଆର.ଜେ.ଡ଼ି.ର ଲାଲୁ ପ୍ରସାଦ ଯାଦବଙ୍କ ଦୁଇଝିଅ ରୋହିଣୀ ଓ ମିଶା ଭାରତୀ ରାଜନୀତିରେ ସକ୍ରିୟ। ଦିବଂଗତ ବିଜେପି ନେତ୍ରୀ ସୁଷମା ସସ୍ୱରାଜଙ୍କ ଝିଅ ବାଂଶୁରୀ ସ୍ୱରାଜ ଚଳିତ ଥର ପ୍ରାର୍ଥୀ ହୋଇଛନ୍ତି। ଏନ.ସି.ପି.ର ଶରତ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜ ଶେଖର ରେଡ୍ଡୀଙ୍କ ଝିଅ ୱାଇ.ଏସ୍. ସର୍ମିଲା, ଏନ.ଟି. ରାମାରାଓଙ୍କ ଝିଅ ଦି ପୁରନ୍ଦେଶ୍ୱରୀ, ବରିଷ୍ଠ ବିଜେପି ନେତା ସ୍ୱର୍ଗତ ଗୋପୀନାଥ ମୁଣ୍ଡେଙ୍କ ଝିଅ ପଙ୍କଜା ମୁଣ୍ଡେ, ପୂର୍ବତନ ମୁଖ୍ୟମନ୍ତ୍ରୀ ମୁକ୍ତି ମହମ୍ମଦଙ୍କ ଝିଅ ମେହବୁବା ମୁକ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱଗତ କରୁଣାନିଧିଙ୍କ ଝିଅ କାନି ମୋଝି, ସ୍ୱର୍ଗତ ପ୍ରମାଦ ମହାଜନଙ୍କ ଝିଅ ପୁନମ ମହାଜନ ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ଲୋକସଭାରେ ଏବେ ୭୮ ଜଣ ମହିଳା ଏମ୍.ପି. ଅଛନ୍ତି। ଆଇନ ପ୍ରଣୟନରେ ମହିଳାଙ୍କ ଭାଗୀଦାରିତା ବିଶ୍ୱ ସୂଚକାଙ୍କରେ ବହୁ ତଳେ ରହି ଭାରତର ସ୍ଥାନ ଏବେ ୧୪୮ରେ ରହିଛି। ୧୯୯୮ରେ ଭାରତ କିନ୍ତୁ ୯୫ ସ୍ଥାନରେ ଥିଲା। ଭୋଟ ଯୋଗାଡ଼ କରିବା ଓ ଭାବମୂର୍ତ୍ତି ତିଆରି କରିବାପାଇଁ ସବୁ ରାଜନୈତିକ ଦଳ ମହିଳା ସଂରକ୍ଷଣ ବ୍ୟବସ୍ଥାକୁ ରାଜନୈତିକ ଅସ୍ତ୍ର କରୁଥିଲେ ମଧ୍ୟ ଆମ ପୁରୁଷ ପ୍ରାଧାନ୍ୟ ରାଜନୈତିକ ଦଳମାନେ କିନ୍ତୁ ମହିଳାମାନଙ୍କୁ ଯଥେଷ୍ଟ ସଂଖ୍ୟାରେ ନିବାଚନ ଟିକେଟ ଦେବାରେ ବିମୁଖ। ରାଜନୀତିରେ ମହିଳାମାନେ ଅଧିକ ସାମୁଲ ହୁଅନ୍ତୁ ଓ ନିର୍ବାଚନରେ ବିଜୟୀ ହୋଇ ନିଜ ନିର୍ବାଚନ ମଣ୍ଡଳୀ ସହିତ ସମାଜର ଉନ୍ନତିରେ ନିଜ ଦାୟିତ୍ୱ ନିର୍ବାହ କରନ୍ତୁ – ଏହାହିଁ ଶୁଭକାମନା।


+ ସାମାଜିକ କର୍ମୀ
ଶ୍ରୀବିହାର କଲୋନୀ,
ତୁଳସୀପୁର, କଟକ
ମୋ : ୯୪୩୭୪୫୦୧୧୪





### ସଚ୍ଚୋଟ ଓ ସରଳ

ପ୍ରଦୀପ୍ତ ଆଚାର୍ଯ୍ୟ

ସଚ୍ଚୋଟ ଲୋକଟି, ଚତୁର ହେଲେବି,
ବେଳେ ବେଳେ ଧୋକା ଖାଏ,
ଅନ୍ୟ ମାନଙ୍କୁ ସେ, ନିଜର ଦଣ୍ଡିରେ,
ସର୍ବଦା ତଉଲି ଥାଏ।

ଆମ ସମାଜରେ, ସଚ୍ଚୋଟ ବେଶରେ,
ଅଛନ୍ତି ତ ଖଂଟ ଚୋର,
ଛକି ରହିଛନ୍ତି, ସରଳତା ଦେଖି,
କାଟି ଦେବେ ଆମ ଚେର।

ସରଳ ହେବାଟା, ଅଟଇ ସୁଗୁଣ,
ହେବା ନାହିଁ କିନ୍ତୁ ବୋକା,
ଅନ୍ତଃଦୃଷ୍ଟି ସାଥେ,ପରଖି ନନେଲେ,
ଖାଇଯିବା ଆମେ ଧୋକା।

ବିଶାସ୍ୱ ଭରସା, ନିଷ୍ଟୟ କରିବା,
ପରଖି ସାରିବା ପରେ,
ସରଳତା ପଣେ, କରିଲେ ବିଶ୍ୱାସ,
ବିପଦ ବି ପଡିପାରେ।


ଇଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦


### ଆମ ଗାଁ ଯୁବକ

ରମେଶ ଚନ୍ଦ୍ର ନାୟକ

ବିଗିଡି ଗଲାଣି ଗାଆଁ ପରିବେଶ
ଆଉ ଲାଗୁ ନାହିଁ ଭଲ
ଆମରି ଗାଆଁର ଶିକ୍ଷିତ ଯୁବାଙ୍କୁ
ନିଶାକରେ କଲବଲ ।

ଭାଇଚାରା ଏବେ ଗଲାଣି ଦୂରେଇ
ରାଜନୀତି ଦାଦାଗିରି
ଦେଖିଲେ ଗାଆଁର ଏବେକା ଅବସ୍ଥା
ଘୂରେ ମଥା ଘିରି ଘିରି ।

ଗାଁ'ଛକ ଦୋକାନେ ମିଳୁଛି ବୋତଲ
ଯିବାକୁ ପଡୁନି ଦୂର
ବାପ ପୁଅ ଭାଇ ଏକାଠି ପିଅନ୍ତି
କାହାକୁ ନ ଥାଏ ଡର ।

ଗାନ୍ଧୀଙ୍କ ସପନ ହୋଇଛି ପୁରଣ
ଭାଷଣ ଛାଡନ୍ତି ନେତା
ରାମ ରାଇଜର ଶାସନ ଦେଖାନ୍ତି
ହାତେ ଧରି ଦଣ୍ଡ ଗଦା ।

ଏନ୍ତୁଡି ଶାଳରୁ ଶ୍ମଶାନ ପର୍ଯ୍ୟନ୍ତ
ଯୋଜନା ମାଳକୁ ମାଳ
ସେଥିପାଇଁ ବୋଧେ ଆମ ଗାଁ ଯୁବକ
ନ ଖଟି କାଟନ୍ତି କାଳ ।

ଛୋଟ ଗାଆଁ ମୋର ଲାଗୁଛି ସହର
ଏକା ଏଠି ଦିନ ରାତି
ରାସ୍ତା ଘାଟେ ବୁଲେ ଯୁବ ଭୂତ ପ୍ରେତ
ଭୟରେ ଥରଇ ଛାତି ।

ପାଠ ଶାଠ ପଢି ନ ପାଇ ଚାକିରି
ବନିଯାନ୍ତି କୁଜି ନେତା
ପର ଧନ ପାଇ ମଦ ମାଂସ ଖାଇ
ଭୁଲିଯାନ୍ତି ନିଜ କଥା ।

ଆମ ଗାଁ ଯୁବକ ହେଲେଣି ଉଦ୍ଧତ
ପିନ୍ଧିଥାନ୍ତି ଭଦ୍ର ମୁଖା
ଗୁରୁ ଗୁରୁଜନ ନାହିଁ ସନମାନ
କରିଥାନ୍ତି ଅଣଦେଖା ।


+ ଦରଭା, ମଙ୍ଗଳପୁର , ଯାଜପୁର
ମୋ :- ୭୯୭୮୧୫୧୭୧୦


### ବଇଶାଖ ମାସ ଖରା

ନିରଞ୍ଜନ ସାହୁ

ବୈଇଶାଖ ମାସ ଖରା ଲୋ ସଜନୀ
ଅସହ୍ୟ ହୁଅଇ ତାତି
ସତର୍କ ରହିବୁ ସଜାଗ ରହିବୁ
ଦମ୍ଭ କରିବୁନି ଛାତି ।

ଦିନ ଆଠଟାରୁ ଅପରାହ୍ଣ ଚାରି
ଖରାର ପ୍ରକୋପ ଭାରି
ଗରମ ସାଙ୍ଗକୁ ଗୁଲୁଗୁଳି ହୁଏ
ଝରିଯାଏ ସ୍ୱେଦ ବାରି
ସୂର୍ଯ୍ୟ ବୁଡିଗଲେ ଟିକେ ଭଲଲାଗେ
ଶାନ୍ତି ଦେଇଥାଏ ରାତି ।

ଖରାବେଳେ ଝାଞ୍ଜି ପବନ ବହଇ
ଦେହ ଦେଉଥାଏ ପୋଡି
ଉପରଓଳି ଯେ କାଳବଇଶାଖୀ
ପବନ ବରଷା ଯୋଡ଼ି
ଅଂଶୁଘାତ ଭାରି ଭୟଭୀତ କରେ
ଏକାଳେ ସର୍ବତ୍ର ମାତି ।

ଘୋଳଦହି, ଲସି, ଆଖୁରସ ସାଥେ
ତୋରାଣି, ଓଆରଏସ ପିଅ
ଘରୁ ବାହାରିଲେ ଛତା,
ଜୋତା ସାଥେ
କଳାଚଷମାଟି ନିଅ
ଗାମୁଛା ଓ ପାଣିବୋତଲ ନେବୁ ଲୋ
ଧଳାବସ୍ତ୍ର ଆଣେ ଖ୍ୟାତି ।
ବିଞ୍ଚଣା, କୁଲର, ପଙ୍ଖା ସହିତରେ
ଶୀତଳ ଜଳରେ ସ୍ନାନ
ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ପ୍ରତି
ଖରାଦିନେ ରଖ ଧ୍ୟାନ
ଅଙ୍ଗରେ ଚନ୍ଦନ କର ପ୍ରଲେପନ
ଉପାୟ ଯେ ନାନାଜାତି ।


+ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ତୁମେ...

### ପ୍ରତ୍ୟୁଷ କୁମାର ପଣ୍ଡା



ତୁମେ ସୂର୍ଯ୍ୟଙ୍କ ପରି ତେଜସ୍ୱୀ
ତୁମେ ଶଶି ପରି ଶୀତଳ,
ତୁମେ ପଥର ପରି କଠୋର
ତୁମେ ପଦ୍ମ ପରି କୋମଳ ।

ତୁମେ ଦୁନିଆ ସାମ୍ନାରେ ସବଳ
ତୁମେ ନିଜ ସମ୍ମୁଖରେ ଦୁର୍ବଳ,
ତୁମେ ସମୁଦ୍ର ପରି ଶାନ୍ତ
ତୁମେ ଢେଉ ପରି ନିଷ୍ଚଳ ।

ତୁମେ ଏକ ପ୍ରଶ୍ନ ବାଚକ ଚିହ୍ନ
ତୁମେ ଉତ୍ତର ଅନ୍ତେ ପୂର୍ଣ୍ଣଚ୍ଛେଦ,

ତୁମେ ଅନିଦ୍ରାର ଉଦାସୀନତା
ତୁମେ ଅଟ ଗଭୀର ନିଦ ।

ତୁମେ ପରାଜୟର ଶ୍ୱେତ ଧ୍ୱଜା
ତୁମେ ବିଜୟର ଲୋହିତ ତିଳକ,
ତୁମେ ସମୟ ପରି ଚିରସ୍ଥାୟୀ
ତୁମେ କ୍ଷଣିକ ନେତ୍ର ପଲକ ।

ତୁମେ ଆତ୍ମବିଶ୍ୱାସର ପ୍ରତୀକ
ତୁମେ ଏକ ବୃଥା ଆଶ୍ୱାସନା,

ତୁମେ ସତ୍ୟର ପ୍ରତୀକ
ତୁମେ ଏକ ମିଥ୍ୟା ବର୍ଣ୍ଣନା ।

ତୁମେ ରଶ୍ମି ର ଆଦ୍ୟ ପ୍ରାନ୍ତ
ତୁମେ ରଶ୍ମି ପରି ଅସୀମ,
ତୁମେ ଦୟାଳୁ, ତୁମେ ଉଦାର
ତୁମେ ନିର୍ଦ୍ଦୟ, ତୁମେ ନିର୍ମମ ।

ତୁମେ ବର୍ତ୍ତମାନ, ତୁମେ ଅତୀତ
ତୁମେ ଦ୍ୱିଧା, ତୁମେ ନିଶ୍ଚିତ ।
ତୁମେ ପ୍ରତ୍ୟୁଷ, ତୁମେ ପ୍ରଦୋଷ,
ତୁମେ ଆହ୍ଲାଦ, ତୁମେ କ୍ଲେଶ ।

କବିତାର ଆରମ୍ଭରେ ତୁମେ
ତୁମେ ହିଁ କବିତାର ଶେଷ ।

♥ଦେଓଗାଁ, ବରଗଡ

## ଛାତି ଥରା ତାତି

### ବାବାଜୀ ଚରଣ ଜେନା



ଛାତି ଥରା ତାତି ଏଠି
ଜାଳି ମୋତେ ପାରେ ନାହିଁ
ଗୀତ ପାଇଁ ଶବ୍ଦ ଖୋଜି
ଆଖି ପତା ପଡେନାହିଁ
ଛାତି ଥରା ତାତି ଏଠି ...

ପବନ କୁ ଚାହିଁ ରହେ
ଝରକାକୁ ଖୋଲି ଦେଇ

ଗୁଳୁଗୁଳି ଭିତରେ ମୁଁ
ଶୋଇ ଜମା ପାରେ ନାହିଁ
ଅଧା ରହେ ଗୀତ ମୋର
ରାତି ପାହେ ଠକିଦେଇ
ଛାତି ଥରା ତାତି ଏଠି ...

ଅଦିନ କୁହୁଡି ମେଘ
ବୈଶାଖରେ ଆସି ଯାଇଁ
ଓଦା କରେ ଘାସ ଦେହ
ଶୀତଳତା ଛାଇ ଦେଇ
ଏମିତି ଏ ରାତି ସରେ
ଭାବନାରେ ଭିଜିଯାଇଁ
ଛାତି ଥରା ତାତି ଏଠି...

♥ଅହଲ୍ୟା ନିବାସ ପୋପରଡା
ନୂଆବଜାର କଟକ ୪
ମୋ: ୯୪୩୭୮୩୪୭୧୯

## ହାତ

### ଶ୍ରୀ ଚନ୍ଦ୍ରଶେଖର ସାହୁ



ହାତ ପାଏନି ତୋ ପାଖକୁ
ଯେତେ ବଢ଼ାଇଲେବି
ତୁ ଆହୁରି ଚାଲିଯାଉ ଦୂରକୁ ଦୂରକୁ
ଦୂରକୁ ପୁଣି ଆଦରି ନେଇଛୁ
ଯୁଗକୁ ଯୁଗକୁ
ଦାନା ଗୋଟାଉଥିବା ବେଳେ ହାତ
ଅସହାୟତାରେ ଯୋଡିଦିଏ।

ଅହମିକାର ସିଂହାସନରେ ବସି
ତୋତେ ଭୁଲିଯାଏ।

ଏମିତି ଭଙ୍ଗା ଗଢ଼ା ଦୁନିଆ ଭିତରେ
ଦମ୍ଭ ହରାଇ ଚୁପ ଚାପ
ଅଣ୍ଟା ଭାଙ୍ଗି ବସେ।

ମୁଁ ଏତିକି ଜାଣିଛି
ତୋ ହାତର କରାମତି ବେଶୀ ବୋଲି
ହାତ କାଟି ବସିଛୁ
ତୁ ଅଖଣ୍ଡ କ୍ଷମତାକୁ ଜାବୁଡି ଧରିଛୁ ବୋଲି।

ତଥାପି ଶେଷରେ
ମୁଁ ହାତଯୋଡି ସବୁକିଛି ସମର୍ପି ଦେଇଛି
ତୁ ବୁଝ କିଛି ନବୁଝ
ତୋ ପାଖରେ ସବୁଦିନ ପାଇଁ
ଶରଣ ପଶିଛି।

♥କସପା, ଅହିୟାସ,
ଯାଜପୁର - ୭୫୫୦୩୬
ମୋ : ୭୮୭୩୬୯୩୮୦୭

## ନିଆଁ

### ଅକ୍ଷୟ କୁମାର ରାଉତ



ମାଟି ପଥର ଦେହରେ ବି ନିଆଁ
ହୁତ୍ ହୁତ୍ ଜଳୁଛି ଗାଁ ଠୁ ସହର
ଶୀତ ଆସୁ କି ନ ଆସୁ,
ବର୍ଷା ଆସୁ କି ନ ଆସୁ
ବସନ୍ତ ଆସୁ ପଛେ କ୍ଷଣିକ ପାଇଁ
ହେଲେ ସେ ସର୍ବଦା ଆସେ ଛାତି ଫୁଲେଇ
ହୁକୁମ୍ ଚଲେଇବାକୁ ଧରା ପୃଷ୍ଠରେ ।

ସୂର୍ଯ୍ୟ ଦେବ କଣ କୋପିତ !
ମଣିଷ ସିନା ଦୋଷ କରିଛି
ମଣିଷ ସିନା ନିଆଁ ଲଗାଉଛି ସମ୍ପର୍କରେ

ମଣିଷ ସିନା ନିଆଁ ଲଗାଉଛି
ଜାତିରେ, ଧର୍ମରେ
ମଣିଷ ସିନା ସ୍ୱାର୍ଥ ପାଇଁ ନିଆଁ ଲଗାଉଛି
ରାଜନୀତିରେ
ହେଲେ ପଶୁ ପକ୍ଷୀ, ଜୀବଜଗତର କି
ଦୋଷ !

ତାର କି ଦୋଷ !
ସେ ବି ତ ନିୟତିରେ ବନ୍ଧା
ଅନ୍ୟମାନେ ସିନା ଆସନ୍ତିନି ଠିକ୍ ସମୟରେ
ସେ କିନ୍ତୁ ସମୟାନୁବର୍ତ୍ତି
ସମୟ ପୂର୍ବରୁ ପହଞ୍ଚି ଯାଏ
ଠିକ୍ ଆଜ୍ଞାଧୀନ ଛାତ୍ର ଭଳି ।

ମଣିଷ ସୂର୍ଯ୍ୟଦେବଙ୍କୁ ଦୋଷ ଦିଏ
ମଣିଷ ନିୟତିକୁ ଦୋଷ ଦିଏ
ମଣିଷ ପ୍ରକୃତିକୁ ଦୋଷ ଦିଏ
ହେଲେ ସେ ଯେଉଁ ନିଆଁ ଲଗାଏ
ସେ କେବେ ନିଜକୁ ଦୋଷ ଦିଏ କି !

♥ବାଲକାଟି,ଆଳି, କେନ୍ଦ୍ରାପଡ଼ା

## ଝରା ଲୁହ ବୁନ୍ଦାଏ

### ପୁଷ୍ପାଞ୍ଜଳି ପଣ୍ଡା



ଝରା ଲୁହ ବୁନ୍ଦାଏ ମୁଁ
ହରାଇଛି ବାସ ଆଜି
ଝରିଗଲି ହାରିଗଲି
ଧାରଧାର ହୋଇ ଗଡୁଥିଲି ।

ହରାଇବା ଦୁଃଖ ବେଶି
ପାଇବାଟା କମ୍,
ବୁଝି ଲାନି ମୋର ମନ କଥା
ଝରୁଥିଲି ଆଖିକୋଣ ଦେଇ
ଗାଲ ଛୁଇଁ
ପାଉଥିଲି ଅସହଣୀ ବ୍ୟଥା ।

ଏମିତି ବି ହେଉଥାଏ
ଲୁହ ସବୁ ଝରିଯାଏ
ଝୁରିବାରେ, ଦୁଃଖ ପାଳିବାରେ
ସୁଖ ପାଇଁ ବେଳ କାଇଁ.. !

ଦୁଃଖ ତ ଅସୀମ ବୋଲି
ଢାଳୁଥିଲି ବର୍ଷା ଧାର
ଆଖି ଦୁଇ ଭିଜୁଥିଲେ
ଏଇତ ସଂସାର ।

ଯିବାବେଳେ ଏକାହୋଇ ଝରେ ନାହିଁ
ଓଦା ହୁଏ ନାହିଁ ଆଖିପତା
ପଲକ ବିହୀନ ହୋଇ ଥାଏ,
ସବୁ ଛାଡି ଚାଲି ଯିବାବେଳେ
ବେଶି ଝରେ ଅନ୍ୟର ଆଖିରେ
ବନ୍ଧା ଥିଲେ ସମ୍ପର୍କ ଡୋରିରେ ।

ଆଜି ମୁଁ ଯେ ଉଛୁଳି ଉଠୁଛି
ସରିଆସେ ବେଳ
ଲାଗିଲାଣି ଗହଳ ଚହଳ
କିଏ ଦେଖେ ?
ଆଖିକୋଣେ ଲୁଚିଥିବା,ଝରୁଥିବା
ଲୁହର ବୁନ୍ଦାକୁ
ବରଂ ବେଶି ଭାଗ ବଣ୍ଟା ହେଉଅଛି
ହସ ଖୁସି ଭଲ ସମୟକୁ ।

♥କେନ୍ଦ୍ରାପଡ଼ା

## ଜୀବନ

### ସ୍ନେହା ମହାନ୍ତି



ଅସମ୍ଭବ କିଛି ନାହିଁ
ହେଲେ,
ଚେଇଁ ଶୋଇଲେ ଉଠେଇବ କିଏ ?
ଦାରିଦ୍ର୍ୟ, ଭୋକ ?
ଯନ୍ତ୍ରଣା ଯିଏ ଜାଣିଛି,
ତାକୁ ହରେଇବ କିଏ ?

ମୋ ଭାଗ୍ୟ, ମୋ ଦିନ, ମୋ ରାତି
ମୁଁ ନିଜେ ଲେଖିବି
ବିରାଟ ସଫଳତାର ମନ୍ତ୍ରରେ
ମୁଁ ଜିତିବାରେ ନୁହେଁ,

ହାରି ହାରି ଜିତିବାରେ ବିଶ୍ୱାସ କରେ
ମତେ ହରେଇବ କିଏ ?
ଯିଏ ମରି ମରି ବଞ୍ଚେ
ତାକୁ ପୁଣି ଡରେଇବ କିଏ ?

♥କଳିଙ୍ଗ ହସ୍ପିଟାଲ
ନାଲକୋ ଛକ, ଭୁବନେଶ୍ୱର



## ମୃତ୍ୟୁ ଏକ ଅଦୃଶ୍ୟ ଆତତାୟୀ

### ଅଳକା ରାୟ



ଜୀବନ- ମୃତ୍ୟୁର ଲୀଳାଖେଳ ଭିତରେ
କଥା କହେ ଜୀବନ
ସମ୍ପର୍କର ମଧୁସ୍ରାବୀ
ଝରରେ ଭିଜି ଭିଜି
ଆଗକୁ ବଢେ ଜୀବନ
ଜୀବନାନୁଭୂତିର ଉଷ୍ଣ ସ୍ୱର୍ଶରେ
କଥାକହେ ଜୀବନ
ଅନୁଭୂତି, ଅଭିଜ୍ଞତାରେ ଅମୂଲ୍ୟ
ଆଉ ସ୍ମରଣୀୟ ହୁଏ ଜୀବନ

ହେଲେ ମୃତ୍ୟୁ ଥାଏ କେଉଁଠି !
କେହି ଦେଖିଛି ?
ଏକ ଅଦୃଶ୍ୟ ଆତତାୟୀ
ଏକ ଘାତକ.....
ପଳାତକ.....
ଅସହଷ୍ଣୁତା ପଣରେ
ପୂର୍ଣ୍ଣଚ୍ଛେଦ ଟାଣେ ଜୀବନର

ହଠାତ୍ ଆସି
ଜୀବନକୁ ଛଡାଇନିଏ ଜୀବନଠାରୁ।

ଅନୁଭବ ଅନୁଭୂତି ଶୂନ
ନିସ୍ତରଙ୍ଗ ନିଷ୍ପ୍ରାଣ
ବିଚାର ଶୂନ୍ୟତା ଭିତରେ
ଛଡାଇନିଏ ଜୀବନ ।

ପଡି- ଉଠି ହାରି- ଜିତି
ଦଉଡୁଥିବା ଜୀବନ ପାଖରେ
କିନ୍ତୁ ଯାଇ ପାରେନାହିଁ
ବିଜୟର ଗର୍ବକୁ ସାଥିରେନେଇ
ଏକ ଅଦୃଶ୍ୟ ଆତତାୟୀ....

♥ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

## ନର୍ଦ୍ଦମା କନ୍ୟା

### ବିବୁଲ ମହାକୁର



ଆଜି ସହରର ଅଗମ୍ୟ ନର୍ଦ୍ଦମାରେ
ମୃତ୍ୟୁକୁ ଆପଣେଇ ନେଲା ସଦ୍ୟଜନ୍ମା
କଇଁକଇଁ କାନ୍ଦରେ ପୃଥିବୀ କମ୍ପିବା ଆଗରୁ
ମେଦିନୀ ଆବୋରି ନେଲା କୋଳକୁ
ଦେଇଗଲା ଅପରିଚିତା ନାଆଁଟିଏ।

ପୌରୁଷତ୍ୱର ଉନ୍ମାଦନା ମଧ୍ୟରେ
ଅଣନିଃଶ୍ୱାସୀ !
ଡାକ୍ତରଖାନାର ବ୍ୟାଣ୍ଡେଜ୍ ମଧ୍ୟରେ
ମଣିଷ ମନର ଦୁର୍ଗନ୍ଧ ସୁଡ଼ଙ୍ଗରେ
ଆଉ କେତେ ସମୟ ବା ସଂଘର୍ଷ
କରିଥାନ୍ତା ?

କୁକୁରମଣ୍ଡଳୀରେ ଜରୁରୀ ସଭା
ବିନା ତରାଜୁରେ
କଅଁଳ ମାଂସ ଭାଗବଣ୍ଟା

କାହା ଭାଗରେ ମୁଣ୍ଡ କାହା ଭାଗରେ ଗଣ୍ଡି
ଧସ୍ତାଧସ୍ତି ହୋଇ ଉଠନ୍ତି ନିଜନିଜ ମଧ୍ୟେ।

ସହରର ଅସମ୍ଭାଳ ଭିଡ଼ ଭିତରେ
ନାରୀଟିଏ ବି ଫିଙ୍ଗି ଦେଇପାରେ !
ନାରୀତ୍ୱର ପୃଥିବୀଟିଏକୁ
ଧ୍ୱଂସ କରି ଦେଇପାରେ
ଗୋଟିଏ ମମତାମୟୀ ଗଙ୍ଗାକୁ।

ଆଧୁନିକତାର କଂକ୍ରିଟ ରାସ୍ତା ପରି
ହୃଦୟ ମଧ୍ୟ ଆଜି ନିଃସ୍ପନ୍ଦିତ
କଅଁଳ ଶିଶୁ କପାଳରେ ମଧ୍ୟ

ଆଙ୍କିଦିଏ କଳଙ୍କର ଲକ୍ଷ୍ମଣ ରେଖାଟିଏ
ପିତୃତ୍ୱର ତଣ୍ଟିଚିପି, ମାମୁଁ କଂସ ପରି।

ଭାଗବଣ୍ଟା ପରେ ଅବଶେଷ
ମାତ୍ର ପରିଚୟ ଖୋଜେ
ଫିଙ୍ଗିଦେଇଥିବା ମଣିଷ ମାନଙ୍କ ସହ
ଅବଶୋଷ ତିଳେହେଁ ନଥାଏ
ନର୍ଦ୍ଦମା କନ୍ୟା ହେବାର !

ଖୋଜେ ଶେଷ ବିଦାୟର
ଆତ୍ମୀୟ ଲୁହ ଧାରଟିଏ
ଏ ରକ୍ତର ଆତ୍ମୀୟତା ଠୁ ଊର୍ଦ୍ଧ୍ୱରେ
ଆପଣାପଣର ସ୍ପର୍ଶଟିଏ।

♥ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨

## ସଫଳତା

### ବୈଷ୍ଣବ ମେହେର



ତୁମେ କଣ ଜାଣିବ...
ମୁଁ କେତେ ପରିଶ୍ରମ କରିଛି,
କେତେ ରାତ୍ରି ଅନିଦ୍ରା ରହିଛି,
ଦିନରେ କେତେ ତାରା ଗଣିଛି ।

ତୁମେ ସିଏନା...
ରାସ୍ତାରେ ମତେ ଥୁ ଥୁ କରୁଥିଲ,
କେତେ ଅଲାଜୁକ ଅପାରଗ କହି,
ମୋର ମଜାକ ଉଡାଉଥିଲ ।

ଆଜି କାହିଁ ନୀରବ...

ମୋ ସଫଳତାରେ ଖୁସି ନାହଁ,
ସବୁବେଳେ ତୁମର ଉନ୍ନତି ଚାହିଁଛି,
ମତେ ପଥ-କଣ୍ଟା ଭାବୁଛ କାହିଁକି ।

ଶେଯରେ ଶୋଇ ଶୋଇ...
ସଫଳତା କେହି କେବେ ପାଏନି,
ଜ୍ଞାତରେ ହଉ ଅବା ଅଜ୍ଞାତରେ,
କେତେ ଝୁଣ୍ଟିଛି ପୁଣି ଉଠିଛି ।

ଅଦେଖା ଯନ୍ତ୍ରଣା ସବୁ...
ସ୍ୱପ୍ନରେ ନଥାଏ ସଫଳତାର ମାଦକତା,
ନିରନ୍ତର ହାଡ଼ଭଙ୍ଗା କଠିନ ପରିଶ୍ରମ,
ଆଉ....
ଅନେକ ସଂଘର୍ଷ, ଦୃଢ଼ ସଂକଳ୍ପ ଲୋଡ଼ା ।

କିନ୍ତୁ...
ମୁଣ୍ଡକୁ ଯେବେ ଗ୍ରାସ କରେ,
ଗର୍ବ ଆଉ ସଫଳତାର କୀର୍ତ୍ତି,
ସୃଷ୍ଟି ହୁଏ ଅମାନବିୟ ପ୍ରକୃତି,
ପୁଣି ଆରମ୍ଭ ହୁଏ ନିଜ ଦୁର୍ଗତି ।

♥ଗଣ୍ଡାବାହାଲି
ନୂଆପଡ଼ା
ମୋ: ୬୨୬୪୩୦୫୦୦୩

## ଋତୁ କହେ କେତେ କଥା

### ସୁହଂସ ଭୋଇ



ଗ୍ରୀଷ୍ମକୁ ଅଳପ ମାଗିଲି ଉତ୍ତାପ
ନିଦାଘ ଦେଲା ସେ ଜାଳି
କେରି କେରି କୃଷ୍ଣଚୂଡ଼ା ଦେଲା ଭରି
ହସେ ଡାଳେ ଖିଲି ଖିଲି ।

ବରଷା ଋତୁକୁ ଅରଜ କରିଲି
ଅସରାଏ ଯାଅ ଝରି
ମୂଷଳ ଧାରରେ ଅଜାଡିଲା ଜଳ
ନଈ ନାଳ ଗଲା ପୁରି ।

ଶୀତ କାନେ କାନେ କଲି ନିବେଦନ
ଫୁଲଟିଏ ଦେବାପାଇଁ
ଦେଲା ସେ ଅନେକ ମାଳତୀ ସେବତୀ
ଜବା ଚମ୍ପା ଜୁଇ ଜାଇ ।

ଅଜାଚିତେ ଦେଲେ ଶରତ ହେମନ୍ତ
ହୀମର ଶିଶିର ବିନ୍ଦୁ
ଶୀତଳ ସମୀର ଶୀତୁଆ ସକାଳ
ନିରିମଳ ନଭେ ଇନ୍ଦୁ ।

ବସନ୍ତକୁ ରଙ୍ଗ ମାଗିଲି ସାମାନ୍ୟ
ଦେଲା ପ୍ରିତୀରଙ୍ଗ ଢ଼ାଳି
ବଉଳ ବାସନା କଲା ଆନମନା
ତା' ପ୍ରେମରେ ପଡିଗଲି ।

♥ ପହଣ୍ଡି, ବରଗଡ଼
୯୪୩୭୫୨୨୪୫୫

## ଆସ ଗଛ ଲଗେଇବା

### ସୁଶ୍ରୀ ସଙ୍ଗୀତା ସେଠୀ



ଏବର୍ଷ ଖରାମାଡ଼ରୁ ଶିଖିଲ କି ନାହିଁ
ଆରେ ନିର୍ବୋଧ ମଣିଷ ଜାତି,
ଅଡଚାଳିଶ ଡିଗ୍ରୀ ଖରାରେ ସିଝିଲ
ପଶିଲାକି ମସ୍ତିଷ୍କରେ ବୁଦ୍ଧି ?

ଗଛ କାଟି ଖାଲି କୋଠା ବାଢ଼େଇଲେ
ଖରା କମିବ ନାହିଁ,

ସବୁଜିମା କାଟି ନଷ୍ଟ କରିଲେ ଯିବ ପୋଡ଼ି
ପାଉଁଶ ହେଇ।

ଦୁଇଟା ଗଛ କାଟିବା ଆଗରୁ ଛଅଟି
ଗଛ ପୋତ,
ତେବେ ଯାଇ ମିଳିବ ତ୍ରାହିରେ
ହସିବ ଏଇ ଜଗତ !

ନହେଲେ ସିଝିବ ପ୍ରକୃତି ଉତ୍ତାପେ
ଜୀବନ ହୋଇବ ମାଟି,
ବୃକ୍ଷ ହିଁ ଜୀବନ ବୁଝିଗଲେ ଭଲ
ବଞ୍ଚିବ ଏ ଜୀବନଟି।

ବେଳ ଥାଉ ଥାଉ ବୁଝି ଚାଲ ଆମେ
ବଢ଼େଇବା ଧରଣୀ ଶୋଭା ,
ଗ୍ରୀଷ୍ମକୁ ସହଜ ସୁନ୍ଦର କରିବା
ବୃକ୍ଷରୋପଣ କରିବା।

♥ଯାଜପୁର

# ୩.୨୫କୋଟିର ମାଙ୍କିଡ଼ିଆ କଲୋନି ଭୂତକୋଠି: ଲୋକାୟୁକ୍ତ ନିର୍ଦ୍ଦେଶକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଫୁ



ଯାଜପୁର, ୨୯/୪ (ନି.ପ୍ର): ଯାଜପୁର ଜିଲ୍ଲାର କ୍ରୋମ୍ ଉପତ୍ୟକା କାଳିଆପାଣି ଖଣି ଅଞ୍ଚଳବାସୀଙ୍କ ଜୀବନଯାତ୍ରା ଗ୍ରୀଷ୍ମପ୍ରବାହରେ ଅସ୍ତବ୍ୟସ୍ତ। ବର୍ଷ ବର୍ଷ ଧରି ଖୋଲା ଆକାଶ ତଳେ ପଡ଼ିଥିବା ଭୂମିହୀନ ଶତାଧିକ ମାଙ୍କିଡ଼ିଆ ପରିବାର ପିଲାଛୁଆଙ୍କୁ ନେଇ ଡହଡହ ଖରାରେ ସିଝୁଛନ୍ତି। ସରକାର ସେମାନଙ୍କ ପାଇଁ ୫ବର୍ଷ ପୂର୍ବେ ୨୦୧୯ରେ ଡିଏମଏଫ ଅନୁଦାନରୁ ଯୋଗାଇ ଥିବା ୩.୨୫ କୋଟି ଟଙ୍କାରେ ନିର୍ମାଣାଧୀନ ନିମ୍ନମାନର କୁସୁମୁଣ୍ଡିଆ ମାଙ୍କିଡ଼ିଆ କଲୋନି ଏବେ ଭୂତକୋଠି ପାଲିଟିଛି। ସୁକିନ୍ଦା ବ୍ଲକ୍ ରାଁସୋଳ ପଞ୍ଚାୟତର ମଲ୍ଲାରସାହିରେ ମାଙ୍କିଡ଼ିଆ ଜନଜାତିର ୮୭ ପରିବାର ପାଇଁ ୨୦୧୯ ମସିହାରେ ଡିଏମ୍ଏଫ୍‌ରୁ ୩ କୋଟି ୨୫ଲକ୍ଷ ୧୮ହଜାର ୩୯୨ଟଙ୍କା ମଞ୍ଜୁର ହୋଇଥିଲା। କୁସୁମୁଣ୍ଡିଆଠାରେ ନୂତନ କଲୋନି ନିର୍ମାଣ ଆରମ୍ଭ ହୋଇଥିଲା। ୨୦୨୦ ସୁଦ୍ଧା ହିତାଧିକାରୀ ମାଙ୍କିଡ଼ିଆ ପରିବାରକୁ ଘର ହସ୍ତାନ୍ତର କରିବାକୁ ସଂପୃକ୍ତ ଠିକାଦାର ଭାଗବତ ଖଟୁଆଙ୍କ ସହ ଚୁକ୍ତିନାମା ହୋଇଥିଲା। ଆଜି ପର୍ଯ୍ୟନ୍ତ ଏହି କଲୋନି ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ମାତ୍ର, ଏଥିରେ ଦୁର୍ନୀତି ହୋଇଥିବା ନେଇ ଲୋକାୟୁକ୍ତରେ ମାମଲା ରୁଜୁ ହୋଇଥିଲା। ପରେ ଭିଜିଲାନ୍ସ ତଦନ୍ତ କରି ରିପୋର୍ଟ ଦେଇଥିଲେ। ଭିଜିଲାନ୍ସ ତଦନ୍ତରେ ଦୁର୍ନୀତି ଅଭିଯୋଗରୁ ଠିକାଦାର ଓ ଯନ୍ତ୍ରୀ ଖସିଗଲେ। ମାତ୍ର, ଗତ ଫେବ୍ରୁଆରି ୯ରେ ଲୋକାୟୁକ୍ତ ତାଙ୍କ ରାୟରେ ତୁରନ୍ତ କଲୋନି କାମ ଶେଷକରି ମାଙ୍କିଡ଼ିଆ ପରିବାରକୁ ହସ୍ତାନ୍ତର କରିବାକୁ ଯାଜପୁର ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ଓ ଡିଏମଏଫ ମୁଖ୍ୟ ଜିଲ୍ଲାପାଳଙ୍କୁ କହିଥିଲେ। ତୁରନ୍ତ ନିର୍ମାଣ କାମ ଶେଷ କରିବାକୁ ଜିଲ୍ଲାପାଳ ଓ ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିପର୍ଯ୍ୟନ୍ତ ନିର୍ମାଣ କାମ ଶେଷହେବା ଦୂର କଥା, ରିଟେଣ୍ଡର ହୋଇନାହିଁ। ଆରଡି ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକ କହିଛନ୍ତି, ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯିବାରୁ ଟେଣ୍ଡର ହୋଇପାରିନାହିଁ। ନିର୍ବାଚନ ପରେ ଟେଣ୍ଡର ହେବ।

# ଉନ୍ନତ ଗାଣିତିକ ଅଧ୍ୟୟନ, ଗବେଷଣା କ୍ଷେତ୍ରରେ ପୂର୍ବ ଭାରତର ନେତୃତ୍ୱ ନେବ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ: କୁଳପତି




କୋରାପୁଟ, ୨୯/୪ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗଣିତ ବିଭାଗ ଦ୍ୱାରା ଆୟୋଜିତ 'ଏକବିଂଶ ଶତାବ୍ଦୀର ଗଣିତ: ସିଦ୍ଧାନ୍ତ ଓ ପ୍ରୟୋଗ' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସେ ଗଣିତ ବିଭାଗକୁ ଏକ ସଫଳ ସମ୍ମିଳନୀ ଆୟୋଜନ ପାଇଁ ପ୍ରଶଂସା କରିବା ସହ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାମାଜିକ ଉନ୍ନତି ପାଇଁ ଉଦ୍ଭାବନ ଓ ଗବେଷଣାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ଏହି ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ଦିନେ ଉନ୍ନତ ଗାଣିତିକ ଅଧ୍ୟୟନ ଓ ଗବେଷଣାକ୍ଷେତ୍ରରେ ପୂର୍ବ ଭାରତର ନେତୃତ୍ୱ ନେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଗଣିତ କ୍ଷେତ୍ରରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ଅବଦାନ ଉପରେ ଆଲୋକପାତ କରି ତିନୋଟି ପୁସ୍ତକ ପ୍ରକାଶ କରିବାକୁ ସେ ବିଭାଗକୁ ପରାମର୍ଶ ଦେଇଥିଲେ।

ଏହି ସମ୍ମିଳନୀରେ ବିଶିଷ୍ଟ ବ୍ୟକ୍ତିମାନେ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଧ୍ୟୟନ ଓ ଗବେଷଣାକୁ ପ୍ରାଥମିକତା ଦେବା ସହ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ୧୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ବହୁ ସଂଖ୍ୟକ ପେପର ଉପସ୍ଥାପନ କରିଥିବା ବେଳେ ଆଇଆଇଟି ଭିଲାଇର ସୁଶ୍ରୀ ମନୀଷା ସମ୍ମାନଜନକ ଶ୍ରେଷ୍ଠ ଉପସ୍ଥାପନା ପୁରସ୍କାର ପାଇଥିଲେ। ଗଣିତ ବିଭାଗର ସହକାରୀ ପ୍ରଫେସର ତଥା ସମ୍ମିଳନୀ ଆବାହକ ଡ ଜ୍ୟୋତିସ୍କ ଦତ୍ତା କାର୍ଯ୍ୟକ୍ରମକୁ ଦକ୍ଷତାର ସଫଳତାର ସହ ସଂଯୋଜନା କରିଥିଲେ।

ସମାପନୀ ଅଧିବେଶନରେ ବାରାଣସୀର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମୁକୁଟ ମଣି ତ୍ରିପାଠୀ, ଝାନ୍‌ସୀ ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଅବନୀଶ କୁମାର, ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସ ଆଣ୍ଡ ଆପ୍ଲିକେସନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏ.କେ. ମିଶ୍ର, ଦିଲ୍ଲୀ ଆଇଆଇଟିର ପ୍ରଫେସର ଭବାନୀ ଶଙ୍କର ପଣ୍ଡା, ରାଷ୍ଟ୍ରସନ୍ତ ତୁକାଡୋଜୀ ମହାରାଜ (ଆରଟିଏମ୍) ନାଗପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଶାନ୍ତ ଚାଟାର୍ଜୀ, ନାଗପୁର ବିଶ୍ୱବିଦ୍ୟାଳୟର ରାଷ୍ଟ୍ରସନ୍ତ ତୁକାଡୋଜୀ ମହାରାଜ (ଆରଟିଏମ୍)ର ପ୍ରଫେସର ଜିଏସ୍ ଖଡ଼େକର, ଏବଂ ସିୟୁଓର ଆସୋସିଏଟ୍ ପ୍ରଫେସର ତଥା ଗଣିତ ବିଭାଗର ମୁଖ୍ୟ ଡ. ଅଶୋକ କୁମାର ସାହୁ ପ୍ରମୁଖ ଗଣିତଜ୍ଞ ମଞ୍ଚାସୀନ ଥିଲେ।

ଏହି କାର୍ଯ୍ୟକ୍ରମରେ ୨୦୨୪ ଏପ୍ରିଲ ୨୬ ତାରିଖ ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ରାଜ୍ୟ ଓ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରାଯାଇଥିଲା। ଅଧ୍ୟାପକ ରମେଶ ଚନ୍ଦ୍ର ମାଟି ଓ ଡ. ସର୍ବେଶ୍ୱର ବାରିକଙ୍କ ତତ୍ତ୍ୱାବଧାନରେ ଗଣିତ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି ପରିବେଷଣ ଦର୍ଶକଙ୍କୁ ଆକର୍ଷିତ କରିବା ସହ ହୃଦୟ ସ୍ପର୍ଶୀ ହୋଇଥିଲା ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି।

## ବସ ପଛରେ ପିଟିଲା ଟ୍ରକ: ବହୁ ଯାତ୍ରୀ ଆହତ

କୋରେଇ, ୨୯/୪ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୋତି ନିକଟରେ କ୍ରିଷ୍ଣା କମ୍ପ୍ଲେକ୍ସ ସମ୍ମୁଖରେ ଏକ ଯାତ୍ରୀବାହି ବସ ପଛରେ ଏକ ଟ୍ରକ ଧକ୍କା ଦେବାରୁ ବସରେ ଥିବା ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ପ୍ରକାଶଯେ ରବିବାର ଅପରାହ୍ନ ୪ଟା ସମୟରେ ବାରିପଦାରୁ ଭୁବନେଶ୍ୱର ଯାଉଥିବା ଖୁସୀ ଟ୍ରାଭେଲ୍ସ (ଓଡ଼ି୧୧ଏସ୦୨୪୧) ନାମକ ଘରୋଇ ଯାତ୍ରୀ ବାହି ବସ ପଛରେ (ଡ଼ବ୍ଲୁବି ୨୯ବି୨୦୩୭) ଟ୍ରକଟି ଧକ୍କା ଦେଇ କିଛି ବାଟ ଠେଲି ନେଇଯାଇଥିଲା। ଫଳରେ ବସରେ ଥିବା ଯାତ୍ରୀ ମାନଙ୍କ ମଧ୍ୟରୁ ବହୁତ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲି ପୁଲିସ, ରାଜପଥ ପେଟ୍ରୋଲିଂ ପୁଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ପହଂଚି ଆହତ ମାନଙ୍କୁ ଉଦ୍ଧାର କରିଥିଲେ। ପୁଲିସ ବସ ଓ ଟ୍ରକ ଦୁଇଟିକୁ ଜବତ କରିଛି।

# ବର୍ଷବର୍ଷ ଧରି ମିଳୁନି ମୌଳିକ ସୁବିଧା: ଭୋଟବର୍ଜନ କରିବେ ୨୫୦୦ ମତଦାତା



ରାଉରକେଲା, ୨୯/୪ (ନି.ପ୍ର): ବର୍ଷବର୍ଷ ଧରି ମୌଳିକ ସୁବିଧାସୁଯୋଗରୁ ବଞ୍ଚିତ ସହର ଉପାନ୍ତବାସୀ ଜିଲ୍ଲା ପ୍ରଶାସନକୁ ଆଜି ଚରମବାଣୀ ଶୁଣାଇଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଲୋକସଭା ଓ ବିଧାନସଭାରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଆଜି ବରଟୋଲି ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ଲୋକ ଏକାଠି ହୋଇ ଏକ ସଭାର ଆୟୋଜନ କରିଥିଲେ। ବରଟୋଲି ବିକାଶ ସମିତି ପକ୍ଷରୁ ଆୟୋଜିତ ସଭାରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଜିଲ୍ଲାପ୍ରଶାସନର ଭୂମିକାକୁ ନେଇ ଖୁବ୍ ବର୍ଷିଥିଲେ। ସେମାନେ କହିଥିଲେ, ଜାମସେରା ପଞ୍ଚାୟତ ଅଧୀନସ୍ଥ ବରଟୋଲି ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୨୫୦୦ରୁ ଅଧିକ ମତଦାତା ବସବାସ କରୁଛନ୍ତି। ବର୍ଷ ବର୍ଷ ଧରି ରାସ୍ତା ଦୟନୀୟ ଅବସ୍ଥାରେ ରହିଛି। ମାତ୍ର ୧୦ ମିଟର ଦୂର ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଅଞ୍ଚଳର ବିକାଶ ହେଉଛି। ବରଟୋଲି ଓ ଏହାର ଆଖପାଖକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ବାରମ୍ବାର ଲିଖିତି ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ନିଆଯାଉନି। ନିର୍ବାଚନ ପୂର୍ବରୁ ଜିଲ୍ଲା ପ୍ରଶାସନ ଲିଖିତ ପ୍ରତିଶ୍ରୁତି ନ ଦେଲେ ସ୍ଥାନୀୟ ଲୋକ ବାଧ ହୋଇ ଭୋଟବର୍ଜନ କରିବେ। ବୈଠକରେ ବରଟୋଲି ବିକାଶ ସମିତିର ସଭାପତି ବିଜୟ କୁମାର ଦାଶ, ଉପସଭାପତି ସୁରେନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ପ୍ରଭାତ କୁମାର ଜେନାଙ୍କ ସମେତ ପ୍ରଶାନ୍ତ କୁମାର ବେହେରା, ମନୋରଞ୍ଜନ ନାୟକ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଲବାଣୀ ଓକିଲସଙ୍ଘ ପକ୍ଷରୁ ଓକିଲ ଦିବସ ପାଳିତ

କନ୍ଧମାଳ, ୨୯/୪ (ନି.ପ୍ର): ଏପ୍ରିଲ ୨୮ ଆଜି ଓକିଲ ଦିବସ ଓଡ଼ିଶାର ପ୍ରଥମ ବାରିଷ୍ଟର ତଥା ପ୍ରଥମ ସ୍ନାତକ ମଧୁସୁଦନ ଦାସଙ୍କ ଜନ୍ମତିଥି(ଜୟନ୍ତୀ)ରେ ପାଳିତ ଏକ ବିଶେଷ ଦିବସ ଯାହା ମଧୁବାବୁଙ୍କୁ ସମ୍ମାନ ଜଣାଇ ପାଳନ କରାଯାଇଥାଏ। ମଧୁବାବୁଙ୍କ ଜୀବନ ଚରିତ ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ। ସେ ହିଁ ଥିଲେ ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ। କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍ଏ ବି.ଏଲ୍. ଡିଗ୍ରୀ ହାସଲ କରିବାରେ ସେ ଥିଲେ ପ୍ରଥମ ଓଡ଼ିଆ। ଓକିଲାତି କ୍ଷେତ୍ରରେ ସେ ଥିଲେ ଏକ ଆଦର୍ଶ ତଥା ଅନନ୍ୟ ପ୍ରତିଭା। ନିଜର ଓକିଲାତି ବାକ୍‌ଚାତୁରୀ ଓ ତର୍କଜ୍ଞାନର ପ୍ରଭାବରେ ରାଣୀ ସୂର୍ଯ୍ୟମଣୀ ପାଟମହାଦେଈଙ୍କ ପକ୍ଷ ରଖି ଶ୍ରୀମନ୍ଦିର ପରିଚାଳନାର ଭାର ସେ ତତ୍କାଳୀନ ସରକାରଙ୍କ ହାତମୁଠାରୁ ଛଡ଼ାଇ ଆଣିପାରିଥିଲେ ସେ କେବଳ ଉତ୍କଳ ଗୌରବ ନଥିଲେ, ସେ ଥିଲେ ଯଥାର୍ଥରେ ଭାରତର ଗର୍ବ ନାରୀଜାତିକୁ ଓକିଲାତି କ୍ଷେତ୍ରରେ ପ୍ରୋତ୍ସାହିତ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ସେହି ମହାନ୍ ବ୍ୟକ୍ତିତ୍ୱଙ୍କୁ ସମ୍ମାନ ଜଣାଇ ତାଙ୍କର ଜନ୍ମ ଦିନକୁ ସାରା ଓଡ଼ିଶାରେ 'ଓକିଲ ଦିବସ' ଭାବେ ପାଳନ କରାଯାଉଛି। ଏହି ଦିନକୁ ସ୍ୱାଭିମାନ ଦିବସ ରୂପେ ମଧ ପାଳନ କରାଯାଉଛି। ଏହି ଅବସରରେ ଓକିଲସଙ୍ଘ ଫୁଲବାଣୀ ପକ୍ଷରୁ ଓକିଲ ସଂଘର ସଭାପତି ନିରୋଦ କୁମାର ପାତ୍ରଙ୍କ ନେତୃତ୍ୱରେ ଓକିଲ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ପୁରୁଣା କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପରେ ମଧୁସୂଦନ ପାର୍କରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ସଂଘର ସମ୍ପାଦକ କୁଞ୍ଜ ବିହାରୀ ଶତପଥୀଙ୍କ ସମେତ ରବି ନାରାୟଣ ମିଶ୍ର, ବଇଁଶୀ ଧର ମହାପାତ୍ର, ଦେବବ୍ରତ ପ୍ରଧାନ, ଅସୀମ ପ୍ରହରାଜ, ହରିଶ୍ଚନ୍ଦ୍ର ମହାରଣା, ଚନ୍ଦ୍ର ଶେଖର ମିଶ୍ର, ଶିବ ପ୍ରସାଦ ତ୍ରିପାଠୀ, ବନମାଳୀ ବେହେରା, ସିଦ୍ଧେଶ୍ୱର ଦାଶ, ରମେଶ ଚନ୍ଦ୍ର ମହାନ୍ତି, ସତ୍ୟ ନାରାୟଣ ବେହେରା, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ଦୀପକ କୁମାର ରଥ, ସୁଧୀନ୍ଦ୍ର ସାହୁ, ଦିଲିପ ବାନାର୍ଜୀ, ନନ୍ଦିତା କୁମାରୀ, ନିହାରିକା ପାତ୍ର, ଜୟନ୍ତୀ ପାଣିଗ୍ରାହୀ, ନମିତା ସାହୁ, ବୀଣାପାଣି ପ୍ରଧାନଙ୍କ ସମେତ ବାରର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଏକ ଆଲୋଚନା ଚକ୍ର ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ଭିଜିଲାନ୍ସ ବିଚାରପତି ଶ୍ରୀ ସମର ବିଳାସ ବେହେରା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଏଜିଏ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ସମ୍ମାନୀତ ସଦସ୍ୟ ବିଭୁ ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ମିଡିଆ ଗ୍ରୁପ ଏଡ଼ିଟର ଶ୍ରୀ ସନ୍ଦୀପ ମିଶ୍ର ଯୋଗଦେଇ ଓକିଲମାନଙ୍କ ବିଭିନ୍ନ ସମସ୍ୟା ସୁରକ୍ଷା ଉପରେ ଆଲୋକପାତ କରିଥିଲେ।

# ସିଙ୍ଗାପୁରରୁ ୬ ମାସିଆ ଇଣ୍ଟର୍ଣ୍ଣସିପ୍ ସାରି ଓଡ଼ିଶା ଫେରିଲେ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨୯/୪ (ନି.ପ୍ର): ସିଙ୍ଗାପୁରର ବିଭିନ୍ନ କମ୍ପାନିରେ ୬ ମାସିଆ 'ପେଡ୍ ଇଣ୍ଟର୍ଣ୍ଣସିପ୍' ଶେଷକରି ଓଡ଼ିଶା ଫେରିଛନ୍ତି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ ଜଣ ଛାତ୍ରଛାତ୍ରୀ। ରବିବାର ସକାଳେ ଛାତ୍ରଛାତ୍ରୀମାନେ ସିଙ୍ଗାପୁର-ଭୁବନେଶ୍ୱର ସିଧାସଳଖ ବିମାନରେ ଆସି ପହଞ୍ଚିଥିଲେ। ଭୁବନେଶ୍ୱର ବିମାନବନ୍ଦରଠାରେ ଛାତ୍ରଛାତ୍ରୀ ମାନଙ୍କୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ସ୍ୱାଗତ କରାଯାଇଥିଲା। ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରମୁଖ କମ୍ପାନିରେ କାମ କରିବାର ଅନୁଭୂତି ଦେବା ଲାଗି 'ଷ୍ଟୁଡେଣ୍ଟ ଇଣ୍ଟର୍ଣ୍ଣସିପ୍' କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମ ଲାଗି ପ୍ରତିବର୍ଷ ୨୪ ଜଣ ଛାତ୍ରଛାତ୍ରୀଙ୍କୁ ବଛାଯାଇ ସିଙ୍ଗାପୁର ପଠାଯାଉଛି। ୨୦୨୨-୨୩ ବ୍ୟାଚରୁ ଗତ ଅକ୍ଟୋବର ମାସରେ ସିଙ୍ଗାପୁର ଯାଇଥିବା ଛାତ୍ରଛାତ୍ରୀମାନେ ଆଜି ଭୁବନେଶ୍ୱର ଫେରି ଆସିଛନ୍ତି। ୬ ମାସିଆ ପେଡ୍ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମରେ ଯାଇଥିବା ଛାତ୍ରଛାତ୍ରୀମାନେ ସିଙ୍ଗାପୁରର ବିଭିନ୍ନ ପ୍ରମୁଖ କମ୍ପାନିରେ କାମ କରିବାର ସୁଯୋଗ ପାଇଥିଲେ। ସେଠାରେ ସେମାନେ ନୂଆ ନୂଆ ଜ୍ଞାନକୌଶଳର ବ୍ୟବହାର ଉପରେ ଅଧିକ ଜ୍ଞାନ ଆହରଣ କରିବା ସହ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକରେ କିପରି କାମ କରାଯାଏ ତାହା ଶିଖିବାକୁ ପାଇଥିଲେ। ସିଙ୍ଗାପୁରର ଏହି ଅନୁଭୂତି ସେମାନଙ୍କ ଭବିଷ୍ୟତ କ୍ୟାରିୟରକୁ ଆଉ ଏକ ନୂଆ ଉଚ୍ଚତାକୁ ନେବାରେ ବିଶେଷ ସହାୟକ ହେବ ବୋଲି ଛାତ୍ରଛାତ୍ରୀମାନେ କହିଥିଲେ।

''ସିଙ୍ଗାପୁରର ଗୁଡଉଡ୍ ପାର୍କ ହୋଟେଲରେ ୬ ମାସ ଧରି ମୁଁ କାମ କରିବାର ସୁଯୋଗ ପାଇଲି। ପ୍ରଥମ ଦରମାରେ ମୁଁ ନୂଆ ଫୋନ୍ କିଣିବା ସହ ଘରକୁ ମଧ ଟଙ୍କା ପଠାଉଥିଲି। ତା'ଛଡ଼ା ଏଠାରେ ମୁଁ ନୂଆ ନୂଆ କାମ ବିଷୟରେ ଜାଣିବାକୁ ପାଇଲି। ଏହା ମୋ' କ୍ୟାରିୟରକୁ ଆଗକୁ ନେବାରେ ସାହାଯ୍ୟ କରିବ'', କହନ୍ତି ସୋନାଲିକା ସେଠୀ। ସୋନାଲିକା ବିଶ୍ୱ ଦକ୍ଷତା କେନ୍ଦ୍ରରେ ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍ ବିଷୟରେ ତାଲିମ ନେଇ ଷ୍ଟୁଡେଣ୍ଟ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଲାଗି ସିଙ୍ଗାପୁର ଯାଇଥିଲେ।

''ସିଙ୍ଗାପୁର ସହରରେ ଏକ ପ୍ରମୁଖ କମ୍ପାନିରେ କାମ କରିବା ପାଇଁ ମୁଁ ଦିନେ ସ୍ୱପ୍ନ ଦେଖିଥିଲି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ମେକାଟ୍ରୋନିକ୍ସ ବିଷୟରେ ତାଲିମ ନେବା ଫଳରେ ମୋର ସ୍ୱପ୍ନ ପୂରଣ ହୋଇଛି। ସିଙ୍ଗାପୁରରୁ ମୁଁ ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ଅଧିକ ଜାଣିବାର ସୁଯୋଗ ପାଇଛି। ଏଥିପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରକୁ ଧନ୍ୟବାଦ'', ସିଙ୍ଗାପୁରରୁ ଫେରିବା ପରେ ଏହା କହିଛନ୍ତି ଅଜୟ ମଙ୍ଗରାଜ।

ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ଏଠାରେ ଅନ୍ତର୍ଜାତୀୟ ମାନର ବିଭିନ୍ନ ଅତ୍ୟାଧୁନିକ ଦକ୍ଷତା ବିକାଶ ପାଠ୍ୟକ୍ରମ ରହିଛି। ଛାତ୍ରଛାତ୍ରୀମାନଙ୍କୁ ବିଦେଶ ଅନୁଭୂତି ଦେବା ଲାଗି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ଦୁଇ ସପ୍ତାହ ଲାଗି ସିଙ୍ଗାପୁର ପଠାଯାଉଛି। ସେହିପରି ପ୍ରତିବର୍ଷ କେନ୍ଦ୍ରର ୨୪ ଜଣ ଛାତ୍ରଛାତ୍ରୀଙ୍କୁ ବାଛି ସିଙ୍ଗାପୁରର ବିଭିନ୍ନ କମ୍ପାନିରେ ୬ ମାସିଆ 'ପେଡ୍-ଇଣ୍ଟର୍ଣ୍ଣସିପ୍'ର ସୁଯୋଗ ଦିଆଯାଉଛି।

# ବର୍ଷାରେ କଟକ ଜଳବନ୍ଦୀ ଆଶଙ୍କା: ଏପ୍ରିଲରେ ବି ଶେଷ ହେଲାନି ଡ୍ରେନ୍ ସଫେଇ



କଟକ, ୨୯/୪ (ନି.ପ୍ର): ମୌସୁମୀ ଆସିବା ପୂର୍ବରୁ ସହରର ସମସ୍ତ ଡ୍ରେନରୁ ମାର୍ଚ୍ଚ ସୁଦ୍ଧା ପଙ୍କୋଦ୍ଧାର କାମ ଶେଷ କରାଯିବ। ପଙ୍କ ସଫେଇ ସହ ସମସ୍ତ ନାଳରୁ ଭାସମାନ ଅଳିଆକୁ ଉଠାଯିବ। ସହରର ପରିମଳ ଦାୟିତ୍ୱ ୩ଟି ଘରୋଇ ସଂସ୍ଥା ନେବା ପରେ ପୌର ନିଗମ ପକ୍ଷରୁ ଏପରି ଘୋଷଣା ହୋଇଥିଲା। ମାତ୍ର ଏପ୍ରିଲ ଶେଷ ହେବାକୁ ବସିଥିବା ବେଳେ ଏବେ ସୁଦ୍ଧା ସହରର ୫୦ ପ୍ରତିଶତ ପଙ୍କ ସଫେଇ କାମ ଶେଷ ହୋଇ ପାରିଲା ନାହିଁ। ଅନ୍ୟପଟେ ଜୁନ୍‌ରେ ବର୍ଷା ଆସୁଥିବା ବେଳେ ମେ' ମାସରେ ସଫେଇ କାମ ଶତପ୍ରତିଶତ ହେବାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଘରୋଇ ସଂସ୍ଥା ଗୁଡିକର ସଫେଇ କାମକୁ ଦେଖିଲେ ଚଳିତ ବର୍ଷ ସହର ବର୍ଷା ଓ ନର୍ଦ୍ଦମା ପାଣିରେ ଭାସିବ ବୋଲି ଆଶଙ୍କା ଦେଖା ଦେଇଛି। ସହରର ପରିମଳ ଦାୟିତ୍ୱ ୨୦୨୨ ଅକ୍ଟୋବରରୁ ୩ଟି ଘରୋଇ ସଂସ୍ଥା ଯଥା ମଞ୍ଜୁଶ୍ରୀ, ଜାଗୃତି ଓ ପ୍ରତ୍ୟୁଷ ହାତକୁ ଯିବାପରେ କଟକିଆଙ୍କ ଜଳବନ୍ଦୀ ସମସ୍ୟା ଦୂର ହେବ ବୋଲି ଆଶା କରାଯାଇଥିଲା। ମାତ୍ର ଘରୋଇ ସଂସ୍ଥା ଗୁଡିକର ପଙ୍କ ସଫେଇ କାମକୁ ଦେଖିଲେ ଏହାର ବାସ୍ତବତା ଉପରେ ପ୍ରଶ୍ନ ଉଠିଛି। ପୌର ନିଗମର ୫୯ ୱାର୍ଡର ସଫେଇ ସହ ସମସ୍ତ ଡ୍ରେନରୁ ପଙ୍କ ଉଦ୍ଧାର କାମ କରିବାକୁ ଘରୋଇ ସଂସ୍ଥାକୁ କୁହାଯାଇଥିଲା। ଏଥିରେ ସହର ମଧ୍ୟ ଦେଇ ଯାଇଥିବା ୧୮ କିଲୋମିଟର ଏମ୍ଏସ୍‌ଡବ୍ଲୁସି ୧ ଓ ୨ ଡ୍ରେନକୁ ଛାଡି ଦେଲେ ବାକି ୨୯ କିଲୋମିଟର ବିଏସ୍‌ଡବ୍ଲୁସି ଡ୍ରେନ, ୧୩୦ କିଲୋମିଟର ମେଜର ସର୍ଫେସ୍ ଡ୍ରେନ ଓ ୫୨୦ କିଲୋମିଟର ସର୍ଫେସ୍ ଡ୍ରେନର ସଫେଇ ଦାୟିତ୍ୱ ୩ଟି ସଂସ୍ଥାକୁ ଦିଆଯାଇଛି। ନଭେମ୍ବରରୁ ସଫେଇ କାମ ଆରମ୍ଭ କରି ମାର୍ଚ୍ଚ ମଧ୍ୟରେ ଶେଷ କରିବାକୁ ପୌର ନିଗମ ପକ୍ଷରୁ ସଂସ୍ଥାଙ୍କୁ କୁହାଯାଇଥିଲା। ମାତ୍ର ମାର୍ଚ୍ଚ ଯାଇ ଏପ୍ରିଲ ଶେଷ ହେବାକୁ ବସିଥିବା ବେଳେ ସହରର ୫୦ ପ୍ରତିଶତ ଡ୍ରେନ ସଫେଇ କାମ ଏବେ ସୁଦ୍ଧା ହୋଇ ପାରିଲା ନାହିଁ। ସେପଟେ ୨୯ କିଲୋମିଟରର ବିଏସ୍‌ଡବ୍ଲୁସି ଡ୍ରେନରୁ ମାତ୍ର ୯ କିଲୋମିଟର ସଫେଇ ହୋଇଛି।

## ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମ ଯୁବ ପ୍ରତିଭାଙ୍କୁ ଆର୍ଥିକ ପୋଷଣ ସହାୟତା

କେନ୍ଦ୍ରାପଡ଼ା, ୨୯/୪ (ନି.ପ୍ର): ଭିନ୍ନକ୍ଷମଙ୍କ ଥଇଥାନ ପାଇଁ କାର୍ଯ୍ୟ କରୁଥିବା ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁର୍ନବାସ ପକ୍ଷରୁ ଭିନ୍ନକ୍ଷମ ଯୁବ ପ୍ରତିଭାଙ୍କୁ ଆର୍ଥିକ ପୋଷଣ ସହାୟତା ପ୍ରଦାନ କରାଯାଇଛି। କୂଳ ବୃଦ୍ଧ ମଧୁସୁଦନ ଦାସଙ୍କ ଜୟନ୍ତୀ ଅବସର ରେ ମାଧପୁର ସ୍ଥିତ ପୁନର୍ବାସ କାର୍ଯ୍ୟାଳୟ ପରିସର ରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତର କରୁଥିବା ମହାକାଳପଡା ର ମେଧାବୀ ଛାତ୍ର ବରଜ କୁମାର ଦାସ ଓ ଆଳିର ଜାତୀୟ ପାରା ସନ୍ତରଣ କାରୀ ମୋନାଲୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଓ ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ରେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ତଥା ପ୍ରଖ୍ୟାତ କଥାକାର ଡ଼ଃ ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ "ମୁଁ ପାରିବି" ସଂକଳ୍ପ ଉଥାପନ କରିଥିଲେ। ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡ଼ଃ ବିରଜା ରାଉତରାୟ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମୁଖ୍ୟବକ୍ତା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ ନାୟକ ସମ୍ମାନିତ ଅତିଥି, ଆନ୍ତର୍ଜାତୀୟ ପାରା କ୍ରୀଡାବିତ୍ ପ୍ରଫୁଲ୍ଲ ଖଣ୍ଡାୟତରାୟ, ପ୍ରାଧ୍ୟାପକ ତପନ କୁମାର ପତି, ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ନାୟକ, ଜିଲ୍ଲା ଆଥଲେଟିକ୍ ସଂଘର ସଂପାଦକ ଜ୍ୟୋର୍ତିମୟ ଦାସ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମମାନଙ୍କ ସାମର୍ଥ୍ୟର ବିକାଶ ପାଇଁ କାର୍ଯ୍ୟ କରୁଥିବା ପୁନର୍ବାସକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱପ୍ନାଂଶୁ କୁମାର ଦାସ, ତିରୁପତି ରେଡ୍ଡୀ, ବଂଶୀଧର ମହାନ୍ତି, ଅମରିନ ସାହାଦତ, ସଂଜିବ ଜେନା, ରଚିତା ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରଭାସ ଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ନୋସି ଉତ୍କଳାରେ ୪୪ତମ ଫେସବୁକ କବିତା ଆସର ଓ ସମ୍ବର୍ଦ୍ଧନା




ବାଲେଶ୍ୱର , ୨୯/୪ (ନି.ପ୍ର): ନୋସି ଉତ୍କଳା ରେ ସପ୍ତାହନ୍ତ ସାଂସ୍କୃତିକ ସନ୍ଧ୍ୟାକୁ ପୁନଃ ପ୍ରଚଳନ ଆଭିମୁଖ୍ୟ ରଖି ନୋସି କଲଚ୍ୟୁରାଲ ଏକାଡେମି ତରଫରୁ ଚତୁର୍ଥ ଅର୍ଘରେ ଫେସବୁକ କବିତା ଆସର ଓ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଛି । ଉକ୍ତ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବହୁଭାଷୀ କବି ଡ ରବିନାରାୟଣ ଦାଶ ଯୋଗ ଦେଇ ସ୍ୱିଡେନରେ ଥିବା ନୋବେଲ ଏକାଡେମୀର ସାହିତ୍ୟ ସଂଗ୍ରାହଳୟ ଓ କେତେକ ନୋବେଲ ପୁରସ୍କାର ପ୍ରାପ୍ତ ସାହିତ୍ୟିକଙ୍କ ବିଷୟରେ ଆଲୋକପାତ କରିଥିଲେ। ଶିଳ୍ପୀ କେଶୁଦାସ ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା କରିଥିବାବେଳେ କବିତା ଆସରକୁ ଏମ.ସି. ସତ୍ୟମ୍ ପରିଚାଳନା ଓ ରୁଦ୍ର ପ୍ରସାଦ ବଳ ଧନ୍ୟବାଦ ଦେଇଥିଲେ । କବି ଶାନ୍ତନୁ କୁମାର ପଟ୍ଟନାୟକ, ଗଗନ କୁମାର ସେଠୀ, ପ୍ରଭାକର ସାହୁ, ପ୍ରଣତି ମହାପାତ୍ର, ପ୍ରବୀର କୁମାର କର୍ମିଳା, ଅଜିମ ବାଲେଶ୍ୱରୀ, ସୁଧାକର ସେଠୀ, ସୁବ୍ରତା ମହାନ୍ତି, ତୃପ୍ତି ରାଣୀ ପାତ୍ର, ରଣଜିତ୍ ପୃଷ୍ଟି, ସେଖ ଇନାୟତ ଅଲ୍ଲୀ, ସୁନାମଣି ଜେନା ଓ ସୁଶାନ୍ତ କୁମାର ପରିଡ଼ା ପ୍ରମୁଖ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ନିମନ୍ତ୍ରିତ କବି ପ୍ରଭାତ କୁମାର ଆଚାର୍ଯ୍ୟ ଓ ହରେକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ। ଶିଶୁ କବି ଭାବରେ ସ୍ୱରୂପାନନ୍ଦ ତ୍ରିପାଠୀ , ଆଦ୍ୟା ଭାର୍ଗବୀ ଓ ଜ୍ୟୋତି ରଂଜନ ଜେନା ପ୍ରମୁଖ ମଧ କବିତା ପାଠ କରିଥିଲେ। ଏହା କାର୍ଯ୍ୟକ୍ରମ କୁ ନୋସି ର କର୍ମକର୍ତ୍ତା ପ୍ରଶାନ୍ତ ବେହେରା, ସୁନାରାମ ସିଂ, ରାଘବ ବିଶ୍ୱାଳ, ଶଶାଙ୍କ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ସମ୍ବଲପୁରୀ କବି ମହାସମ୍ମେଳନ

ସମ୍ବଲପୁର, ୨୯/୪ (ନି.ପ୍ର): ମୋର୍ ଭାଷାର୍ ମହକ୍ ସମ୍ବଲପୁରୀ ଅନୁଷ୍ଠାନ୍ ତରଫରୁ ସେନ୍ ପାର୍କ ନିକଟସ୍ଥ ଓଡିଶା ସାଂସ୍କୃତିକ ସମାଜ ଭବନ ଠାରେ ରବିବାର ରାଜ୍ୟସ୍ତରୀୟ ସମ୍ବଲପୁରୀ କବି ମହାସମ୍ମେଳନ ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି କମଳ ଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମେଳନରେ ସଦସ୍ୟ ତର୍ପଣ ପ୍ରଧାନ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ ଏବଂ ସଂପାଦକ ଡଃ ଗୋବିନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନର ସଭାପତି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥି ରୂପରେ କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବରେ ଉତ୍ପନ୍ନ କୁମାର ଭୋଇ ଯୋଗ ଦେଇ ସମ୍ବଲପୁରୀ ଭାଷା ସାହିତ୍ୟର ଉନ୍ନତି ଦିଗରେ ତଥା ବ୍ୟବହାରର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ସମ୍ମାନୀତ ବକ୍ତା ଭାବରେ ଯୋଗ ଦେଇଥିଲେ ଡଃ ଶ୍ୟାମସୁନ୍ଦର ଧର ଏବଂ ସେ ସମ୍ବଲପୁରୀ ଭାଷାର ମଧୁରତା ଲୌକିକତା ଉପରେ ଗୁରୁତ୍ୱାରୋପ କରିଥିଲେ ।ଅନ୍ୟତମ ଅତିଥି ପ୍ରଫୁଲ୍ଲ କୁମାର ହୋତା ମଧ ସମ୍ବଲପୁରୀ ଭାଷାର ଉନ୍ନତି ନିମନ୍ତେ ନିଆଯାଇଥିବା ପଦକ୍ଷେପ ଏବଂ ଗ୍ରହଣୀୟତା ଦିଗରେ ଆଲୋଚନା କରିଥିଲେ ଏହାସହିତ ବିଭିନ୍ନ ଜିଲ୍ଲାରୁ ଆସିଥିବା କବି ମାନଙ୍କୁ ନେଇ ଏକ ସମ୍ବଲପୁରୀ କବିତା ପାଠ ମଧ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ସହର ତଥା ଅନ୍ୟ ଜିଲ୍ଲା ମାନଙ୍କରୁ ପାଖା ପାଖି ଶହେରୁ ଅଧିକ କବି କବୟତ୍ରୀ ଏଥିରେ ଯୋଗ ଦେଇ ନିଜ ସ୍ୱରଚିତ କବିତା ଗୁଡ଼ିକ ପାଠ କରି ନିଜ ନିଜ ସୁନ୍ଦର କବିତା ମାଧମରେ ଆସରକୁ ମନ୍ତ୍ର ମୁଗ୍ଧ କରିଦେଇଥିଲେ। ଏହି କବିତା ପାଠ ଉତ୍ସବକୁ କବୟିତ୍ରୀ ପଙ୍କଜିନୀ ନାୟକ, ଡଃ ସ୍ୱୟଂ ପ୍ରକାଶ ପଣ୍ଡା, ଅରୁଣୀ ତ୍ରିପାଠୀ, ସସ୍ମିତା ମିଶ୍ର ସଂଯୋଜନା କରିଥିବାବେଳେ ମନୋରଞ୍ଜନ ପଣ୍ଡା,ଗୁରୁଚରଣ ନାଏକ, ପ୍ରଦ୍ୟୋତ ପଟ୍ଟନାୟକ, ଦେବାଶିଷ ବେହେରା, ରାଜେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ପ୍ରଭାରୀ ଜ୍ୟୋସ୍ନାରାଣୀଙ୍କ ପ୍ରଚାର ଅଭିଯାନ

କେନ୍ଦ୍ରାପଡ଼ା, ୨୯/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ଲୋକସଭା ପ୍ରଭାରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନା ନିର୍ବାଚନ ପ୍ରଚାର ଅଭିଯାନ କୁ ତୀବ୍ର କରି ଦେଇଛନ୍ତି । ଲୋକସଭା ପ୍ରଭାରୀ ଭାବେ ଦଳ ପକ୍ଷରୁ ଦାୟିତ୍ୱ ମିଳିବା ପରେ ସକ୍ରୀୟ ଭାବେ ବିଭିନ୍ନ ଅଂଚଳରେ ଭୋଟରମାନଙ୍କୁ ସାକ୍ଷାତ କରି ବିଜେପି ସପକ୍ଷରେ ପଦ୍ମଫୁଲ ରେ ଭୋଟ ଦେବାପାଇଁ ଭୋଟରମାନଙ୍କୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଛି । ଜିଲ୍ଲା ପରିଷଦର ୮ନଂ ଜୋନର ସଭ୍ୟା ଭାବେ ଦୀର୍ଘଦିନରୁ କାର୍ଯ୍ୟ କରି ହାସଲ କରିଥିବା ଲୋକପ୍ରିୟତାକୁ ପାଥେୟ କରି ଭୋଟରମାନଙ୍କ ନିକଟରେ ପହଁଚି କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାରଙ୍କ ଆର୍ଥିକ ବିକାଶ, ରାଷ୍ଟ୍ରୀୟ ଆଇନ ଶରଙ୍ଖଳା ପରିସ୍ଥିତି, ସଫଳ ବିଦେଶ ନୀତି ତଥା ଦେଶକୁ ବିଶ୍ୱର ୫ମ ଆର୍ଥିକ ଶକ୍ତି ଭାବେ ଠିଆ କରାଇବାରେ ଆନ୍ତରିକ ଉଦ୍ୟମ ତଥା ଜାତୀୟ ସମସ୍ୟା ସମାଧାନରେ ବଳିଷ୍ଠ ପଦକ୍ଷେପ ଯୋଗୁଁ ଆମ ଦେଶ ବୀଶ୍ୱର ଏକ ପ୍ରମୁଖ ରାଷ୍ଟ୍ର ଭାବେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଗଉ ଥିବାରୁ ତାଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ଓ ଦଳର ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ଭାବେ ଗୀତାଞ୍ଜଳୀ ସେଠୀଙ୍କୁ ପଦ୍ମଫୁଲ ରେ ଭୋଟ ଦେଇ ନିର୍ବାଚିତ କରେଇବା ପାଇଁ ନିବେଦନ କରୁଛନ୍ତି । ବିଶେଷ କରି ମହିଳା ଭୋଟର ମାନଙ୍କୁ ସାକ୍ଷାତ କରି ପ୍ରଚାର ଅଭିଯାନ ଚଳାଇଥିବା ବେଳେ ବହୁ ସ୍ଥାନରେ ଶ୍ରୀମତୀ ଜେନାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିବା ଦେଖିବାକୁ ମିଳୁଛି ।

# ବାଲେଶ୍ୱର ଜିଲ୍ଲାସ୍କୁଲ ପୁରାତନ ବିଦ୍ୟାର୍ଥୀ ପରିଷଦର ମଧୁବାବୁ ଜୟନ୍ତୀ ପାଳନ



ବାଲେଶ୍ୱର , ୨୯/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାସ୍କୁଲ ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ତା ୨୮.୦୪.୨୦୨୪ ରିଖ ସକାଳ ୭ ଘଟିକା ସମୟରେ ଜିଲ୍ଲାସ୍କୁଲ ପରିସରରେ ସ୍କୁଲର ପୁରାତନ ଶିକ୍ଷକ ସ୍ୱର୍ଗତ ସୁରେନ୍ଦ୍ର ନାଥ କରଙ୍କ ଦ୍ୱାରା ସ୍ଥାପିତ କୂଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମୂର୍ତ୍ତି ରେ ମାଲ୍ୟାର୍ପଣ କରାଯିବା ସହିତ ଏକ ସ୍ମୃତିଚାରଣ ସଭା ହୋଇଥିଲା । ଏଥିରେ ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟଶିଖା ମହାନ୍ତି ଓ ସଭାପତି ଡା. ସୁରେନ୍ଦ୍ର ନାଥ ସାହୁ, ସମ୍ପାଦକ ରାଜେଶ କୁମାର ଗିରି ଓ ବରିଷ୍ଠ ସଦସ୍ୟ ଗୋପାଳ ଚନ୍ଦ୍ର ଜେନା, ରମାକାନ୍ତ ମହାନ୍ତି, ଶରତ ପଟ୍ଟନାୟକ ପ୍ରମୁଖ ମାଲ୍ୟାର୍ପଣ କରିବା ସହିତ ବଧୁବାବୁଙ୍କର ବାଲେଶ୍ୱର, ଜିଲ୍ଲାସ୍କୁଲ ସହିତ ତାଙ୍କର ସମ୍ପୃକ୍ତି ଏବଂ ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ରଂଜନ ବେହେରା, ତୁଷାରକାନ୍ତି ତପସୀ, ଅରବିନ୍ଦ ପାଲ, ଏସ୍.କେ. ସାଦ୍ଦିକ, ବିରଂଚି ନାରାୟଣ ସୁବୁଦ୍ଧି, ସତ୍ୟବ୍ରତ ପାତ୍ର ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।

# ସମସ୍ତ ଉଠାଦୋକାନୀଙ୍କୁ ଥଇଥାନ କରାଯିବ : ସୁଲୋଚନା ଦାସ

ଭୁବନେଶ୍ୱର, ୨୯/୪ (ନି.ପ୍ର): ଭୁବନେଶ୍ୱରରେ ଥିବା ୧୦୦ଟି ଉଠାଦୋକାନୀ ସଂଘର ସଭାପତି ଓ ସମ୍ପାଦକମାନଙ୍କୁ ନେଇ ସୋମବାର ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାଗୃହରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ସଭାପତି ପ୍ରତାପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଯୋଗଦେଇ ଉଠାଦୋକାନୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଶ୍ରୀମତୀ ଦାସ କହିଲେ ଯେ, ଭୁବନେଶ୍ୱରରେ ଏବେ ବହୁ ଭେଣ୍ଡିଂଜୋନ କରାଯାଇଛି, ଆଗକୁ ପ୍ରତ୍ୟେକ ୱାର୍ଡ଼ରେ ଭେଣ୍ଡିଂଜୋନ କରାଯାଇ ଉଠାଦୋକାନୀମାନଙ୍କୁ ଥଇଥାନ କରାଯିବ।

ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉ ର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ କହିଲେ ଯେ, ଉତର ନିର୍ବାଚନ ମଣ୍ଡଳୀରେ ଥିବା ଉଠାଦୋକାନୀମାନେ ବହୁ ସମୟରେ ମୋ ପାଖକୁ ଆସିଛନ୍ତି ଏବଂ ମୁଁ ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ମଧ ଦେଇଛି। ଆଗକୁ ନିର୍ବାଚନ ଥିବାରୁ ଆଚରଣ ବିଧିକୁ ଦୃଷ୍ଟିରେ ରଖି ବର୍ତମାନ କୌଣସି ପ୍ରତିଶ୍ରୁତି ଦିଆଯିବା ନାହିଁ। ନିର୍ବାଚନ ସରିଲା ପରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଶ୍ରୀ ରାଉତ କହିଥିଲେ।

ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ଉପଦେଷ୍ଟା ତଥା ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଲେ ଯେ, ରାଜ୍ୟ ସରକାର ଭୁବନେଶ୍ୱରରେ ବହୁ ଭେଣ୍ଡିଂଜୋନ ଗଠନ କରି ଦେଶ ବିଦେଶରେ ଏକ ଉଦାହରଣ ସୃଷ୍ଟି କରିଥିବା ବେଳେ ଆଗକୁ ବହୁ ପର୍ଯ୍ୟାପ୍ତ ପରିମାଣର ଭେଣ୍ଡିଂଜୋନ ପ୍ରତିଷ୍ଠା କରାଯାଇ ସମସ୍ତ ଉଠାଦୋକାନୀମାନଙ୍କୁ ଥଇଥାନ କରାଯିବ ଏବଂ ଦୋକାନୀମାନଙ୍କ ଯେଉଁସବୁ ସମସ୍ୟା ରହିଛି, ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇ ସେସବୁର ସମସ୍ୟାର ସମଧାନ କରାଯିବ ବୋଲି କହିଥିଲେ। ବିଜେପି ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଯୋଗଦେଇ ଆଗାମୀ ନିର୍ବାଚନରେ କିଭଳି ଜନପ୍ରତିନିଧିମାନଙ୍କୁ, ସେ ସମ୍ପର୍କରେ ସମସ୍ତ ଉଠାଦୋକାନୀମାନଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ମହାସଂଘର ମୁଖ୍ୟ ଉପଦେଷ୍ଟା ତଥା କଟକ ମେୟର ସୁବାସ ସିଂ ଯୋଗଦେଇ କହିଲେ ଯେ, ବିଜୁ ଶ୍ରମିକ ସାମ୍ମୁଖ୍ୟ ସହିତ ଉଠାଦୋକାନୀମାନେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଯାହାକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଠାଦୋକାନୀମାନଙ୍କ ସମସ୍ୟା ପ୍ରତି ଯତ୍ନବାନ ଅଛନ୍ତି।

# କନ୍ଧମାଳ ସଂସଦୀୟ କ୍ଷେତ୍ରର ବିକାଶ ନେଇ ବିଜେପିର ଚାର୍ଜସିଟ

କନ୍ଧମାଳ, ୨୯/୪ (ନି.ପ୍ର): କନ୍ଧମାଳ ବିଜେପି ଲୋକସଭା ପ୍ରାର୍ଥୀ ସୁକାନ୍ତ କୁମାର ପାଣିଗ୍ରାହୀ ସ୍ଥାନୀୟ ସେନାପତି ପ୍ରେସିଡେନ୍ସି ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏକ ଚାର୍ଜସିଟ ଉପସ୍ଥାପନ କରିବା ସହ ବିଜେଡି ଲାଇନ ଚ୍ୟୁତ,ଅଚ୍ୟୁତ ସାମନ୍ତ ପଥଚ୍ୟୁତ ବୋଲି କହିଥିଲେ। ଯାହା ଚାର୍ଜସିଟ ରେ ଉଲ୍ଲେଖ ରହିଛି କନ୍ଧମାଳ ବହୁମୁଖୀ ବିକାଶ ପାଇଁ ୨୦୧୯ର ସାଧାରଣ ନିର୍ବାଚନରେ ଏଠାର ଜନସାଧାରଣ ବିପୁଳ ମାତ୍ରାରେ ଡ. ଅଚ୍ୟୁତ ସାମନ୍ତଙ୍କୁ ନିର୍ବାଚିତ କରିଥିଲା। ତାଙ୍କର ଦୃଢ ପ୍ରତିଜ୍ଞା ଓ ପ୍ରତିଶୃତି ଉପରେ ଲୋକମାନେ ଦୃଢ ବିଶ୍ୱାସ କରିଥିଲେ । ଭାବିଥିଲେ ତାଙ୍କର ଆଶା ଓ ଅକାଂକ୍ଷା ପୁରଣ ହେବ, କନ୍ଧମାଳର ଉନ୍ନତି ହେବ।

ଆଜି ତାଙ୍କର ସବୁ ପ୍ରତିସୃତି କାହଣୀ ପରି ଲାଗୁଛି । ବିଗତ ୫ବର୍ଷ ମଧରେ ସେ ତାଙ୍କ ପ୍ରତିଶୃତି ପୁରଣ କରିବାରେ ସମ୍ପୂର୍ଣ ବିଫଳ ହୋଇଥିବାରୁ ଏହି ଅଂଚଳର ଜନସାଧାରଣ ବିଶେଷ ନାରାଜ ଏବଂ କ୍ଷୁବ୍ଧ ଅଛନ୍ତି। ନିର୍ବାଚନ ଆସିଯାଇଛି କାମର ହିସାବ ମାଗୁଛନ୍ତି ଜନସାଧାରଣ। ଜବାବ ଦିଅନ୍ତୁ ଅଚ୍ୟୁତ ସାମନ୍ତ ବାବୁ ! ପଥଚ୍ୟୁତ ହେଲେ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଖଜୁରୀଗଛର କି ଗୁଣ ଗାଇବି ମୁଳରୁ ପାହାଚ ପାହାଚ ଏକଥା ଅଚ୍ୟୁତ ସାମନ୍ତଙ୍କ କ୍ଷେତ୍ରରେ ସମ୍ପୂର୍ଣଭାବେ ପ୍ରଜୁଯ୍ୟ ବୋଲି ଲିଖିତ ରହିଚି ଏଥି ସହିତ ସାମାଜିକ ସୁରକ୍ଷା ଅବହେଳିତ। ଶିକ୍ଷା ଓ ସ୍ୱାସ୍ଥ୍ୟରେ ଅବହେଳିତ କନ୍ଧମାଳ ରେଳପଥ, ସଡ଼କ ଓ ସଞ୍ଚାର (ମୋବାଇଲ୍) ନେଟୱାର୍କରେ ଅବହେଳିତ। କନ୍ଧମାଳ ଗୋପାଳପୁର, ସମ୍ବଲପୁର ରେଳଲାଇନଟି ଭାୟା ଫୁଲବାଣୀ ଯିବା ପାଇଁ କି ସଂସଦ ରେ କଥା ନଉଠେଇବା। ଆଜିବି ଗ୍ରାମାଂଚଳରେ ମୋବାଇଲ୍ ନେଟୱର୍କ ପାଇଁ ଜନସାଧାରଣ ଜିଲ୍ଲାପାଳ ଙ୍କ ନିକଟକୁ ଯାଇ ଦାବିପତ୍ର ପ୍ରଦାନ କରିବା।

ରିକ୍ସା ଅଟୋ ଓ ଟାକ୍ସି ଡ୍ରାଇଭର ମାନଙ୍କର ରୋଜଗାର ଦିନକୁ ଦିନ କମୁଛି । ତାଙ୍କର ରୋଜ ଗାର ସୁନିଶ୍ଚିତ କରିବା ଓ ସୁରକ୍ଷା ଦେବା ପାଇଁ ପଥଚ୍ୟୁତ ଅଚ୍ୟୁତଙ୍କର ପଦକ୍ଷେପ କଣ ଅଛି ବୋଲି ସାମ୍ବାଦିକ ସମ୍ମିଳନୀ ରେ କହିଥିଲେ।

୫୦୦ କୋଟି ଟଙ୍କା ଅନୁଦାନରେ କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନରେ ମେଡ଼ିକାଲ କଲେଜ ନିର୍ମାଣଧୀନ ମେଡ଼ିକାଲରେ ଡାକ୍ତର ନାହାନ୍ତି । ଏଥିରେ ରୁଚି ନାହିଁ : ପ୍ରାଧାନ୍ୟ ନାହିଁ ହେଲେ ବେ ସରକାରୀ ମେଡିକାଲ କଲେଜ ଖୋଲି ଲକ୍ଷ ଲକ୍ଷ ଟଙ୍କା ଡୋନେସନ୍ ଦେଇ ଶିକ୍ଷାର ବ୍ୟବସାୟକରଣ କରିବା ପାଇଁ ଚେଷ୍ଟା କରିବା ମଧ୍ୟ ଉଲ୍ଲେଖ ରହିଛି। ଏହା ଜନତାଙ୍କ ପ୍ରତି ବିଶ୍ୱାସ ଘାତକ ନୁହେଁ କି ବୋଲି ମଧ ଉକ୍ତ ଚାର୍ଜସିଟରେ ଉଲ୍ଲେଖ ରହିଛି।

ଟିବି ମୁକ୍ତ ଯୋଜନା ଟିବି ହାରେଗା'' ଦେଶ ଜିତେଗା ନାରା, କଣ କରିପାରିଲେ ଉତର ଦିଅନ୍ତୁ ଅଚ୍ୟୁତ ବାବୁ । ଏଥିସହିତ କନ୍ଧମାଳରେ ଅବହେଳିତ ଉଦ୍ୟୋଗର ବିକାଶ ପାଇଁ ଏମଡିଏଚ କମ୍ପାନୀ ସହିତ ଚୁକ୍ତି ସ୍ୱାକ୍ଷର କରିଥିଲେ ହେଲେ ମସଲା ପ୍ରସ୍ତୁତି କେନ୍ଦ୍ର ହୋଇ ପାରିଲା ନାହିଁ, ବାଉଁଶ ରୁ କାଗଜ କଳ ପ୍ରତିଷ୍ଠା ହେଲାକି, କୃଷି ରେ ଅବହେଳିତ କନ୍ଧମାଳ, ପର୍ଯ୍ୟଟନ ରେ ଅବହେଳିତ କନ୍ଧମାଳ, ଖେଳରେ ଅବହେଳିତ ଏବଂ ଅଣଦେଖା କନ୍ଧମାଳ ଇତ୍ୟାଦି ଅନେକ ଉଲ୍ଲେଖ ରହିଛି ପ୍ରଦତ ଚାର୍ଜସିଟରେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ଭାଗବାନ ମହାନ୍ତି ଲିଙ୍ଗରାଜ ଦଳ ବେହେରା, ମିଡିଆ ସଂଯୋଜକ ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ତାତିରେ ଛଟପଟ ଓଡ଼ିଶା...

ଢେଙ୍କାନାଳରେ ୪୩.୨ ଡିଗ୍ରୀ, ନୟାଗଡ଼ରେ ୪୩ ଡିଗ୍ରୀ, ମାଲକାନଗିରିରେ ୪୩, ବଲାଙ୍ଗିରରେ ୪୩ ଡିଗ୍ରୀ, କେନ୍ଦୁଝରରେ ୪୩ ଡିଗ୍ରୀ, ନୂଆପଡ଼ାରେ ୪୩ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୯ ଡିଗ୍ରୀ, ସମ୍ବଲପୁରରେ ୪୨.୯ ଡିଗ୍ରୀ, କଟକରେ ୪୨.୫ ଡିଗ୍ରୀ, ଯାଜପୁରରେ ୪୨.୫ ଡିଗ୍ରୀ, ରାଉରକେଲାରେ ୪୨.୪ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୪୨ ଡିଗ୍ରୀ, ଭଦ୍ରକରେ ୪୨ ଓ ସୋନପୁରରେ ତାପମାତ୍ରା ୪୧.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ହୀରାକୁଦରେ ୪୧.୯ ଡିଗ୍ରୀ, ସୁନ୍ଦରଗଡ଼ରେ ୪୧.୮ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୧.୭ ଡିଗ୍ରୀ,ବାଲେଶ୍ୱରରେ ୪୧.୪ ଡିଗ୍ରୀ, ଫୁଲବାଣୀରେ ୪୧.୪ ଡିଗ୍ରୀ, ବରଗଡ଼ରେ ୪୧.୪ ଡିଗ୍ରୀ, ଭୁବନେଶ୍ୱରରେ ୪୧.୩ ଡିଗ୍ରୀ, ଖୋର୍ଦ୍ଧାରେ ୪୧ ଡିଗ୍ରୀ, ଛତ୍ରପୁରରେ ୪୦.୮ ଡିଗ୍ରୀ, ଚାନ୍ଦବାଲିରେ ୪୦.୭ ଡିଗ୍ରୀ, ଜଗତସିଂହପୁରରେ ୪୦.୬ ଡିଗ୍ରୀ, ରାୟଗଡ଼ାରେ ୪୦ ଡିଗ୍ରୀ, ନବରଙ୍ଗପୁରରେ ୩୯.୬ ଡିଗ୍ରୀ, ଦେବଗଡ଼ରେ ୩୯.୪ ଡିଗ୍ରୀ, କୋରାପୁଟରେ ୩୮.୪ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୭.୫ ଡିଗ୍ରୀ, ପୁରୀରେ ୩୪.୬ ଡିଗ୍ରୀ, ଗୋପାଳପୁରରେ ୩୩.୨ ଡିଗ୍ରୀ ଓ ପାରାଦୀପରେ ତାପମାତ୍ରା ୩୩.୧ ଡିଗ୍ରୀ ରେକର୍ଡ କରାଯାଇଛି।

### ମୋଦି ବିରୋଧୀ ....

ଆବେଦନ କାରୀଙ୍କ କହିବାକୁ ମାତାବକ ଏପ୍ରିଲ ୯ ତାରିଖରେ ଉତ୍ତରପ୍ରଦେଶର ପିଲଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ଏଠାରେ ସେ ନିଜ ଭାଷଣରେ ଭୋଟରଙ୍କୁ ହିନ୍ଦୁ ଦେବାଦେବୀ ଓ ହିନ୍ଦୁ ପୂଜା ସ୍ଥାଳ ସମେତ ସିଖ ଦେବାଦେବୀ ଏବଂ ପୂଜା ସ୍ଥଳ ନାଁରେ ବିଜେପିକୁ ଭୋଟ ଦେବା ପାଇଁ ଅପିଲ କରିଥିଲେ। ଏହାକୁ ବିରୋଧ କରି ଆଇନଜୀବୀ ଆନନ୍ଦ ଏସ୍ ଜାନ୍ଦେଲ ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ କରିଥିଲେ। ଜଷ୍ଟିସ ସଚିନ ଦତ୍ତାଙ୍କ ଖଣ୍ଡପୀଠ ଏହି ମାମଲାର ଆଜି ଶୁଣାଣି କରି ଏହି ଆବେଦନକୁ ଯୋଗ୍ୟତା ବିହୀନ ବୋଲି କହିଛନ୍ତି। ପୂର୍ବରୁ ହିଁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରାଯାଇଛି ବୋଲି ଆବେଦନକାରୀ ପୂର୍ବରୁ ଅନୁମାନ କରିସାରିଛନ୍ତି। ଏହା ସମ୍ପୂର୍ଣ୍ଣ ଅଯଥା। ଆମେ ନିର୍ବାଚନ ଆୟୋଗକୁ କିଭଳି କାମ କରିବେ ତାହା ନିର୍ଦ୍ଦେଶ ଦେଇ ପାରିବୁ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ସେପଟେ ନିର୍ବାଚନ ଆୟୋଗଙ୍କ ତରଫରୁ ହାଜର ହୋଇଥିବା ଓକିଲ ସିଦ୍ଧାନ୍ତ କୁମାର କହିଛନ୍ତି, ପ୍ରତିଦିନ ନିର୍ବାଚନ ଆୟୋଗଙ୍କ ନିକଟରୁ ଏଭଳି ଅଭିଯୋଗ ଆସୁଛି। ତେଣୁ ଆଇନ୍ ଅନୁସାରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଅଶ୍ଳୀଳ ଭିଡିଓ ମାଧ୍ୟମରେ ...

୩୦୦୦ ଭିଡିଓ ସହିତ ଏକ ପେନ୍ ଡ୍ରାଇଭ୍ ପାଇଛନ୍ତି। ଜନତା ଦଳ (ସେକ୍ୟୁଲାର) ସାଂସଦ ପ୍ରଜ୍ୱଳ ରେଭାନ୍ନା ଏହି ପେନ୍ ଡ୍ରାଇଭ ଜରିଆରେ ମହିଳାମାନଙ୍କୁ ଏପରି କାର୍ଯ୍ୟରେ ଭାଗ ନେବାକୁ ବ୍ଲାକମେଲ କରିଥିଲେ। ଯେଉଁ ମହିଳାଙ୍କ ଭିଡିଓ ସାମ୍ନାକୁ ଆସିଥିଲା ସେମାନଙ୍କ ମଧ୍ୟରେ କିଛି ସରକାରୀ କର୍ମଚାରୀ ମଧ ସାମିଲ ଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ୨୦୨୩ ବିଧାନସଭା ନିର୍ବାଚନରେ ଦଳର ପ୍ରାର୍ଥୀ ଥିବା ଦେବରାଜ ଗୌଡା ୮ ଡିସେମ୍ବର ୨୦୨୩ରେ ବିଜେପି ରାଜ୍ୟ ସଭାପତି ବିୱାଇ ବିଜୟେନ୍ଦ୍ରଙ୍କୁ ଏକ ଚିଠି ଲେଖିଥିଲେ। ଏଥିରେ ଜେଡିଏସ୍‌ର ଏନଡିଏ ପ୍ରାର୍ଥୀ ପ୍ରଜ୍ୱଳ ରେଭାନ୍ନାଙ୍କ ସମେତ ଏଚ୍‌ଡି ଦେବଗୌଡା ପରିବାରର ଅନେକ ନେତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ତାଙ୍କୁ ଯେଉଁ ପେନ୍ ଡ୍ରାଇଭ ମିଳିଛି ସେଥିରେ ମହିଳାଙ୍କ(କିଛି ସରକାରୀ କର୍ମଚାରୀ) ମୋଟ ୨,୯୭୬ଟି ଭିଡିଓ ରହିଛି। ଏହି ଫୁଟେଜରେ ସେମାନେ ଆପତ୍ତିଜନକ ସ୍ଥିତିରେ ଥିବା ଦେବରାଜ ଗୌଡା ଦାବି କରିଥିଲେ। ବିଜେପି ନେତା ଆହୁରି ଦାବି କରିଥିଲେ ଯେ ଏହି ଭିଡିଓ ଏବଂ ଫଟୋ ଥିବା ଅନ୍ୟ ଏକ ପେନ୍ ଡ୍ରାଇଭ୍ କଂଗ୍ରେସର ଜାତୀୟ ନେତାଙ୍କ ନିକଟରେ ପହଞ୍ଚି ସାରିଛି। ଯଦି ଆମେ ଜେଡି (ଏସ୍) ଙ୍କ ସହ ମେଣ୍ଟ କରି ଲୋକସଭା ନିର୍ବାଚନ ପାଇଁ ହାସନରେ ଜେଡି (ଏସ୍) ପ୍ରାର୍ଥୀଙ୍କୁ ମନୋନୀତ କରୁ, ତେବେ ଏହି ଭିଡିଓଗୁଡିକୁ ବିରୋଧୀମାନେ 'ବ୍ରହ୍ମାସ୍ତ୍ର' ରୂପେ ଆମ ବିରୋଧରେ ବ୍ୟବହାର କରିପାରନ୍ତି। ଆମକୁ ଅପମାନିତ କରାଯିବ ଯେ ଆମେ ବଳାତ୍କାରୀଙ୍କ ପରିବାର ସହ ମିଶିଛୁ, ଯାହା ଜାତୀୟ ସ୍ତରରେ ଆମ ଦଳର ଭାବମୂର୍ତ୍ତି ପାଇଁ ଏକ ବଡ ଝଟକା ହେବ ବୋଲି ବିଜେପି ନେତା ନିଜ ଚିଠିରେ କହିଥିଲେ। ସେପଟେ ଏହି ଅଶ୍ଳୀଳ ଭିଡିଓକୁ ନେଇ ପ୍ରଜ୍ୱଳ ରେଭାନ୍ନାଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ଜେଡିଏସ୍ ନେତାମାନେ ଏଚ୍‌ଡି ଦେବଗୌଡାଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଏହି ଅଶ୍ଳୀଳ ଭିଡିଓକୁ ନେଇ ଦଳ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହେଉଛି। ତେଣୁ ତାଙ୍କୁ ଦଳରୁ ବହିଷ୍କାର କରିଦେବା ଉଚିତ ବୋଲି ଦଳୀୟ ନେତାମାନେ କହିଛନ୍ତି। ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କ ବିରୋଧଣେ ତାଙ୍କ ଘରର ଚାକରାଣୀ ମଧ ଗୁରୁତର ଅଭିଯୋଗ ଆଣିଛି। ତା' ସହ ମଧ ଜେଡିଏସ୍ ସାଂସଦ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ସାଂସଦ ଚାକରାଣୀର ଝିଅକୁ ଭିଡିଓ କଲ୍ କରି ଅଶ୍ଳୀଳ ଭାଷାରେ କଥା ହେଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, କର୍ଣ୍ଣାଟକରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନର ଠିକ୍ ଦୁଇ ଦିନ ପୂର୍ବରୁ ପ୍ରଜ୍ୱଳ ରେଭାନ୍ନାଙ୍କ ଅନେକ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ଯୌନ ଉତ୍ପୀଡ଼ନ ଅଭିଯୋଗରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାର ଅନୁସନ୍ଧାନ ପାଇଁ ଏସଆଇଟି ମଧ ଗଠନ କରାଯାଇଛି। ଏସ୍ ?ଆଇଟି ଯାଞ୍ଚ ନିର୍ଦ୍ଦେଶ ଦେବା ପରେ ଜେଡିଏସ୍ ସାଂସଦ ଭାରତ ଛାଡି ବିଦେଶକୁ ଫେରର ହୋଇଯାଇଥିବା ସୂଚନା ମିଳିଛି।

### ସନ୍ଦେଶଖାଲି ମାମଲାରେ ମମତା...

ଏଥିସହ ଶୁଣାଣି ସମୟରେ ଜଣେ ବ୍ୟକ୍ତିଙ୍କ ବିରୋଧରେ ଚାଲିଥିବା ତଦନ୍ତକୁ ରାଜ୍ୟ ସରକାର ବିରୋଧ କରୁଥିବା ନେଇ କୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଜଣେ ବ୍ୟକ୍ତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ସରକାର କିପରି ସୁପ୍ରିମକୋର୍ଟଙ୍କ ନିକଟକୁ ଯାଇପାରିବେ ବୋଲି ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟର ମମତା ବାନାର୍ଜୀ ସରକାର ଏଠାରେ ବିଚାରାଧୀନ ମାମଲା ଆଧାରରେ ହାଇକୋର୍ଟରୁ କୌଣସି ସୁବିଧା ନେବାକୁ ଚେଷ୍ଟା କରିପାରିବେ ନାହିଁ। ଏଥିସହ ଏହି ମାମଲର ତତ୍କାଳ ଶୁଣାଣି କରିବାକୁ ମଧ କୋର୍ଟ ମନା କରିଦେଇଛନ୍ତି। ଆସନ୍ତା ଜୁଲାଇ ଦ୍ୱିତୀୟ ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। କହିରଖୁ ଯେ, କଲିକତା ହାଇକୋର୍ଟ ଏପ୍ରିଲ ୧୦ ତାରିଖରେ ସନ୍ଦେଶଖାଲିରେ ମହିଳାଙ୍କ ଯୌନ ଶୋଷଣ ଏବଂ ଜମି ହଡପ ଅଭିଯୋଗର ତଦନ୍ତକୁ ସିବିଆଇକୁ ହସ୍ତାନ୍ତର କରିଥିଲେ। ରାଜ୍ୟ ସରକାର ଏହାକୁ ବିରୋଧ କରୁଛନ୍ତି। ଶାସକ ଦଳର ତୃଣମୂଳ କଂଗ୍ରେସ (ଟିଏମସି) ର ନିଲମ୍ବିତ ନେତା ଶେଖ ଶାହାଜାହାନ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଅଛନ୍ତି। ତାଙ୍କୁ ଏହି ମାମଲାରେ ଗିରଫ ମଧ କରାଯାଇଛି। ସେ ଏବଂ ତାଙ୍କ ସହଯୋଗୀମାନେ ମହିଳାଙ୍କ ଯୌନ ଉତ୍ପୀଡ଼ନ କରି ଜମି ହଡପ କରିଥିବା ଅଭିଯୋଗ ରହିଛି।

### ନାବାଳିକାଙ୍କୁ ଗର୍ଭପାତ ...

ନିଜ ରାୟରେ ପରିବର୍ତ୍ତନ କରିଛନ୍ତି। ଏଥିସହ ପୂର୍ବରୁ ବମ୍ବେ ହାଇକୋର୍ଟ ଗର୍ଭପାତ ବିରୋଧରେ ଦେଇଥିବା ରାୟକୁ କାଏମ ରଖିଛନ୍ତି। ପୀଡ଼ିତାଙ୍କ ବାପା ମା' ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ ସେମାନେ ଜନ୍ମ ହେବାକୁ ଥିବା ସନ୍ତାନର ଦାୟିତ୍ୱ ନେବେ। ଯଦି ଗର୍ଭପାତ ପ୍ରକ୍ରିୟା ଆରମ୍ଭ କରାଯାଏ, ତା'ହେଲେ ଏହା ସେମାନଙ୍କ ଝିଅର ସ୍ୱାସ୍ଥ୍ୟାବସ୍ଥା ପ୍ରତି ବିପଦ ସୃଷ୍ଟି କରିପାରେ। ତେଣୁ ସେମାନେ ଗର୍ଭପାତ ସପକ୍ଷରେ ନାହାନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କହିଥିଲେ ପୀଡ଼ିତାଙ୍କ ବାପା ମା'ଙ୍କ ସହ ଭିଡିଓ କନଫରେନ୍ସିଂରେ କଥା ହେବା ପରେ ଶିଶୁର ସ୍ୱାର୍ଥ ସର୍ବୋପରି ବୋଲି କହିଛନ୍ତି। ଏହା ଏକ ଦୁଷ୍କର୍ମ ମାମଲା। ଏଥିସହ ପୀଡିତାଙ୍କ ବୟସ ମାତ୍ର ୧୪ ବର୍ଷ। ଏଭଳି ଅସାଧାରଣ ମାମଲାକୁ ଦେଖି ତାଙ୍କୁ ଗର୍ଭପାତ କରିବାକୁ ଅନୁମତି ଦିଆଯାଉଛି ବୋଲି ପ୍ରଧାନ ବିଚାରପ୍ରତି ଡି ୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏପ୍ରିଲ ୨୨ରେ କହିଥିଲେ। ସିଜେଆଇଙ୍କ ନେତୃତ୍ୱାଧୀନ ବେଞ୍ଚ ମେଡିକାଲ ରିପୋର୍ଟ ଦେଖିବା ପରେ ଏହି ନିଷ୍ପତ୍ତି ନେଇଥିଲେ।
ମୁମ୍ବାଇ ହସ୍ପିଟାଲର ରିପୋର୍ଟରେ କୁହାଯାଇଥିଲା ଯେ ନାବାଳିକାଙ୍କ ଗର୍ଭପାତ କରାଇବା ଉଚିତ୍। ତେବେ ପୀଡିତାଙ୍କ ଗର୍ଭପାତ କରାଇବାରେ ଯେତିକି ବିପଦ ରହିଛି, ପ୍ରସବ ବେଳେ ମଧ ଜୀବନ ପ୍ରତି ସେତିକି ବିପଦ ଥିବା ମେଡିକାଲ ବୋର୍ଡ ମତ ଦେଇଥିଲା।

# କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ନୂତନ ସଦସ୍ୟମାନଙ୍କୁ ପରିଚୟ ପତ୍ର ବଣ୍ଟନ

କନ୍ଧମାଳ, ୨୯/୪ (ନି.ପ୍ର): ଫୁଲବାଣୀ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ର ନୂତନ ସଦସ୍ୟ /ସଦସ୍ୟା ମାନଙ୍କୁ ସ୍ଥାନୀୟ ବନାନୀ କଳା ସଂଗମ(ସଭାଗୃହ )ସମ୍ମିଳନୀ ଗୃହ ଠାରେ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳରାମ ଦୀପ ଯୋଗଦେଇ ନୂତନ ସଦସ୍ୟ ମାନଙ୍କୁ ବରିଷ୍ଠ ନାଗରିକ ର ପରିଚୟ ପତ୍ର ପ୍ରଦାନ କରିଥିଲେ। ନୂତନ ସଦସ୍ୟ ମାନଙ୍କ କାର୍ଡ ବଂଟନରେ ଫୁଲବାଣୀ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ର କାଯ୍ୟକାରୀ ସଭାପତି ପଦ୍ମଚରଣ ସ୍ୱାଇଁ ଉପ ସଭାପତି ନବ କିଶୋର ରଥ ଏବଂ , କେ ଜ୍ଞାନ କୁମାର ଦୋରା ,ସମ୍ପାଦକ ପ୍ରଣବ ମଣ୍ଡଳ ,ସହ ସମ୍ପାଦକ ଅମୀୟ ଦାସ, ଉପଦେଷ୍ଟା ନବୀନ କିଶୋର ପଣ୍ଡା ,ରାଜ କିଶୋର ପାଢ଼ୀ ,ମହିଳା ସଦସ୍ୟା ମଞ୍ଜୁଳା ପାଣିଗ୍ରାହୀ , କୃଷ୍ଣଚନ୍ଦ୍ର ମିଶ୍ର ବରିଷ୍ଠ ଆଇନଜୀବୀ ,ଭି,ଭି,ରାମଦାଶ ,ପିତାମ୍ବର ମିଶ୍ର , ବରିଷ୍ଠ ଆଇନଜୀବୀ ବିରଜା ପ୍ରସାଦ, ନାହାକ ପ୍ରମୁଖ ଉପସ୍ଥିତ ରହି ନୂତନ ବରିଷ୍ଠ ନାଗରିକ ମାନଙ୍କୁ ସ୍ୱାଗତ କରି କାର୍ଡ ବଣ୍ଟନ ରେ ସହଯୋଗ କରିଥିଲେ।

ଫୁଲବାଣୀ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ସତୁରି ଜଣ ନୂତନ ସଦସ୍ୟ / ସଦସ୍ୟାମାନଙ୍କୁ ଏହି ବୈଠକରେ ଉପସ୍ଥିତ ରହି ନଜ, ନିଜର ନୂତନ ପରିଚୟ ପତ୍ର ଗ୍ରହଣ କରିଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ସଂଘର ବହୁ ସଦସ୍ୟ ନୂତନ ସଦସ୍ୟମାନଙ୍କୁ ଉତ୍ସାହିତ କରି ସବୁ ସ୍ତରରେ ସକ୍ରିୟ ହେବା ପାଇଁ ପ୍ରୋତ୍ସାହନ କରିଥିଲେ।

# ଶିଳ୍ପୀ ଉଦୟ ଜେନା ଜୟନ୍ତୀ ପାଳନ

ବାଲେଶ୍ୱର: ୨୮/୪: ଫକୀରମୋହନ ସାହିତ୍ୟ ପରିଷଦ ଓ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ 'କଳାକ୍ଷେତ୍ର'ଠାରେ ଶିଳ୍ପୀ ଉଦୟ ଜେନାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରଫେସର ବ୍ରଜ ଷଡ଼ଙ୍ଗୀ ମୁଖ୍ୟଅତିଥି, ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଓ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ନିକୁଞ୍ଜବିହାରୀ ଦାସ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଶିଳ୍ପୀ ଉଦୟ ଜେନାଙ୍କ ଜୀବନୀ ସଂପର୍କିତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉଦୀୟମାନ ଯଶସ୍ୱୀ ଚିତ୍ରଶିଳ୍ପୀ ସଂଜୟ କୁମାର ରାଉଳଙ୍କୁ ଶିଳ୍ପୀ ଉଦୟ ଜେନାଙ୍କ ସ୍ମୃତିରେ ଫକୀରମୋହନ ଚିତ୍ରକଳା ସମ୍ମାନ: ୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସଂପାଦକ ଦୀପକ ବୋଷ ଶେଷକଥା ରଖିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିବାବେଳେ କୋଷାଧ୍ୟକ୍ଷ ତପନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ମହାପାତ୍ର, ନିବାରଣ ଜେନା, ମଧୁସୂଦନ ମାଝୀ, ଲକ୍ଷ୍ମୀକାନ୍ତ ବେହେରା, କରୁଣାକର ସ, ଶାନ୍ତିଲତା ପଣ୍ଡା, ରମାକାନ୍ତ ମହାନ୍ତିଙ୍କ ସମେତ ବହୁ ଚିତ୍ରକଳା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମା' ଦାଣ୍ଡ ବାସୁଳୀଙ୍କ ଘଟମାତ୍ରା ଉଦ୍‌ଯାପିତ

ଭଦ୍ରକ, ୨୯/୪ (ନି.ପ୍ର): ସୃଷ୍ଟିର ଅୟମାରମ୍ଭରୁ ସମସ୍ତ ଜଗତକୁ ରକ୍ଷା କରି ଆସୁଛି ମା ଶକ୍ତି ସ୍ୱରୂପିଣୀ। ମା ଙ୍କ ବିନା ସଂସାର ପରିଚାଳନା ଅସମ୍ଭବ। ସଂସାରରେ ଆଦି କ୍ଷେତ୍ର ସମସ୍ତ ଭାରତ ବର୍ଷ ମାତୃ ଉପାସନା ପାଇଁ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଆସିଛି ବୋଲି ମା ଦାଣ୍ଡ ବାସୁଳୀ ପୀଠରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମାତୃ ଉପାସକ ପଣ୍ଡିତ ଦୈତ୍ୟାରୀ ମହାପାତ୍ର କହିଛନ୍ତି। ଗଜେନ୍ଦ୍ର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ମା ଦାଣ୍ଡ ବାସୁଳୀଙ୍କ ଶକ୍ତି ପୂଜାର ପାରମ୍ପରିକ ବିଧିବିଧାନ ଆଲୋଚନା କରାଯାଇଥିଲା। ମା ଦାଣ୍ଡବାସୁଳୀ ହେଉଛନ୍ତି ଏ ଅଂଚଳର ରକ୍ଷାକର୍ତ୍ରୀ, ପାଳନକର୍ତ୍ରୀ ଭକ୍ତମାନଙ୍କର ସୁରକ୍ଷା ଦାତ୍ରୀ। ବର୍ଷକ ବାର ମାସରେ ବିଭିନ୍ନ ସମୟରେ ମା ଙ୍କ ପୀଠରେ ପାଳନ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ପଂଚକ ଏବଂ ପଣା ସଂକ୍ରାନ୍ତି ଘଟଯାତ୍ରା ଅନ୍ୟତମ ଦୀର୍ଘ ୧୪ ଦିନ ଧରି ପାରମ୍ପରିକ ବିଧିବିଧାନ ସହିତ ପ୍ରତିଦିନ ହଜାର ହଜାର ଭକ୍ତ ଆସିଥାନ୍ତି। ପାଟୁଆମାନଙ୍କ ସମାଗମରେ ଶହ ଶହ ବ୍ରତଧାରିଣୀ ଏବଂ ମାନସିକଧାରିଣୀ ନିଷ୍ଠାର ସହିତ ହେଇଥାନ୍ତି। ପ୍ରତିଦିନ ସଂଧ୍ୟାରେ



ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା, ଭଜନ, ସଂକୀର୍ତନ ପାଲା ସହିତ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥାଏ। ମା ଙ୍କ ପ୍ରବଚକ ତଥା ସହସ୍ର ପୁସ୍ତକର ସ୍ରଷ୍ଟା। ପଣ୍ଡିତ ଦୈତ୍ୟାରୀ ମହାପାତ୍ର ମୁଖ୍ୟଅତିଥି ଏବଂ ଗ୍ରାମାଂଚଳ ଥାନା ଅଧିକାରୀ ଅମିତାଭ ଦାସ ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ସମଗ୍ର ଜଗତକୁ ମାତୃଶକ୍ତି କିଭଳି ଭାବରେ ସୁରକ୍ଷା ଦେଇଆସିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପାଲାଗାୟିକା ସସ୍ମିତା ରାଉତ, ସରଣ ଜେନା ଏବଂ ସାମ୍ବାଦିକ ସୁବୋଧ କୁମାର ଜେନା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମା ଦାଣ୍ଡ ବାସୁଳୀ ସେବା ସମିତି ତରଫରୁ ପଣ୍ଡିତ ଦୈତ୍ୟାରୀ ମହାପାତ୍ର, ଅମିତାଭ ଦାଶ ଏବଂ ଶରତ ଚନ୍ଦ୍ର ଜେନାଙ୍କୁ ଉପଢୌକନଙ୍କ ଏବଂ ମା ଙ୍କର ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶହ ଶହ ବର୍ଷ ଧରି ପାଳିତ ହୋଇ ଆସୁଥିବା ମା ଦଣ୍ଡବାସୁଳୀଙ୍କ ଘଟପୁରା ଯାତ୍ରା ପାରମ୍ପରିକ ବିଧିବିଧାନ ସହିତ କାର୍ଯ୍ୟ ସମ୍ପାଦିତ ହେଉଥିବାରୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ପୂର୍ବତନ ଲେଙ୍କାଙ୍କୁ ସେବା ସମର୍ପଣ ଭକ୍ତିକୁ ଗୁରୁତ୍ୱ ଦେଇ ଓଡ଼ିଶା ରାଜ୍ୟ ପୂଜ୍ୟପୂଜା ତରଫର ମାଟିର ମହକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମନ୍ଦିରରେ ବରିଷ୍ଠ ପୂଜକ ଗୌତମ ଶୁକ୍ଳ ଏବଂ ବିଷୟ ଆଶିଷ ପାଢ଼ୀ, ମଙ୍ଗଳାଚରଣ ପାଠ କରିଥିବାବେଳେ ବରିଷ୍ଠ ପାଟୁଆ ଜଗନ୍ନାଥ ବାରିକ ସଗ୍ରାମ ସାହୁ, କାଳନ୍ଦୀ କବି, ସୁଦାମ ସାହୁ, ଗୋଲକ ଚନ୍ଦ୍ର ସାହୁ, ଅମୂଲ୍ୟ ସାହୁ, ରମେଶ ଦଳେଇ, ସନାତନ ବାରିକ, ସୁଦର୍ଶନ ବାରିକ, ମହେନ୍ଦ୍ର ପ୍ରସାଦ ବାରିକ, ଗୟାଧର ବେହେରା, ବାପୁ ସାହୁ, ବିଜୟ ବେହେରା, ବାଇଧର କବି, ପୂର୍ଣ୍ଣଚନ୍ଦ୍ର ଦାସ, ସତ୍ୟନାରାୟଣ ସାହୁ, ପ୍ରଫୁଲ୍ଲ ପରିଡ଼ା, ଅରଜିତ ପରିଡ଼ାଙ୍କ ସହିତ ଅନେକ ବୁଦ୍ଧିଜୀବି ଓ ସହ ସହବ୍ରତ ଚାରିଣୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୀତାକାନ୍ତ ଦାସଙ୍କ ପରମର୍ଶକ୍ରମେ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ କମିଟିର କୋଷାଧ୍ୟକ୍ଷ ସେକ୍ ଦାଉଦ୍ ଅହମଦ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରସାଦ ଖାଇ ଛୋଟ ପିଲା ସହ ୨୫ରୁ ଉର୍ଦ୍ଧ୍ୱ ଅସୁସ୍ଥ

ବେତନଟୀ, ୨୯/୪ (ନି.ପ୍ର): ବେତନଟୀ ଥାନା ଅଧୀନ ସଠିଲୋ ଗ୍ରାମର ଟଙ୍କଧର ରାଉତ ଙ୍କ ଶ୍ରାଦ୍ଧ ଦିବସ ରବିବାର ଦିନ ପଡୁଥିବାରୁ ତାଙ୍କ ଭାଇ ଦିଲ୍ଲୀପ ରାଉତ ରବିବାର ଦିନ ବେତନଟୀ ନିକଟରେ ଥିବା ହନୁମାନ ମନ୍ଦିର ରୁ ପ୍ରସାଦ ମଗାଇଥିଲେ। ଶ୍ରାଦ୍ଧ ଦିବସ ଭୋଜି ରେ ବନ୍ଧୁ ବାନ୍ଧବ ପୋଡସି ଓ ପରିବାର ଲୋକ ଅଣାଯାଇଥିବା ପ୍ରସାଦ ବଳକା ରହିଯାଇଥିଲା। ଏହି ବଳକା ପ୍ରସାଦ କୁ ସଠିଲୋ ର ବେଣାଗଡିଆ ସାହୀ ରେ ଛୋଟ ପିଲା ମାନଙ୍କ ସହିତ ବଡ଼ ଲୋକ ମାନଙ୍କୁ ମଧ ଖାଇବା ପାଇଁ ରବିବାର ଦିନ ସଂଧ୍ୟା ରେ ଦେଇଥିଲେ। ଏହି ପ୍ରସାଦ ଖାଇବା ପରେ ଆଜି ଛାଡାଭ୍ରାନ୍ତି ଆରମ୍ଭ ହୋଇଯାଇଥିଲା। ଅସୁସ୍ଥ ମାନଙ୍କୁ ବାଇକ ଓ ଆମ୍ବୁଲାନ୍ସ ଯୋଗେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର



କୁ ଅଣାଯାଇଥିଲା। ୧୭ ଜଣ ଅସୁସ୍ଥ ମାନଙ୍କୁ ଡ଼ାକ୍ତରଖାନାରେ ଚିକିତ୍ସା କରାଯାଇଥିବା ଜଣାପଡିଛି। ଡାକ୍ତରଖାନାରେ ଚିକିତ୍ସା ହେଉଥିବା ଅସୁସ୍ଥ ହେଉଛନ୍ତି ଭୁମି ମାଝୀ, ଉର୍ମିଳା ଜେନା, କଳ୍ପନା ବାରିକ, ପ୍ରିୟଙ୍କା ସୋରେନ, ତପନ ହାଁସଦା, ନାକୁଲା ମୁର୍ମୁ, ଶିବରାମ ମାଝୀ, ଜୁଲୁ ସୋରେନ, ରଣଜିତ ମୁର୍ମୁ, ମାମାଲି ମାରାଣ୍ଡି, ଦେବି ହାଁସଦା, ଇଲିସା ସୋରେନ, ବୈଦ୍ୟନାଥ ମାରାଣ୍ଡି, ପୁରୁଷୋତ୍ତମ ମୁର୍ମୁ, ସାବିତ୍ରୀ ମାଝୀ, ଧରିତ୍ରୀ ମାଝୀ, ପୁଟୀ ମାଝୀ ରହିଥିବା ଜଣାପଡିଛି। ବେଣାଗଡିଆ ରେ ଅସୁସ୍ଥ ଅଧୀକ ରହିଥିବା ବେଳେ ବେତନଟୀ ଡାକ୍ତରଖାନାରେ ଅସୁସ୍ଥ ଙ୍କ ସଂଖ୍ୟା ବଢିବାର ସମ୍ଭାବନା ଅଧିକ ରହିଛି। ସାହୀ ଓ ଡାକ୍ତରଖାନାରେ ଚିକିତ୍ସା ହେଉଥିବା ଅସୁସ୍ଥ ଙ୍କ ସଂଖ୍ୟା ମିଶାଇଲେ ୨୫ ରୁ ଅଧିକ ହେବ ବୋଲି ଜଣାପଡିଛି। ହନୁମାନ ମନ୍ଦିର ର ପୂଜାରୀ ଙ୍କୁ ପଚାରିବାରୁ ଏହି ପ୍ରସାଦ ବହୁତ ଲୋକ ଙ୍କୁ ଦେଇଥିବା ବେଳେ ଅନ୍ୟ ମାନେ ତୋ ଅସୁସ୍ଥ ହୋଇନଥିବା କହିଥିଲେ। ଶ୍ରଦ୍ଧ ପାଇଁ ମଗାଇଥିବା ପ୍ରସାଦ ଦିଲ୍ଲୀପ ରାଉତ କହନ୍ତି ଯେ ଏହି ଭୋଜିରେ ତାଙ୍କ ଆତ୍ମୀୟ ସୋଜନ ଖାଇ ମଧ ଅସୁସ୍ଥ ହୋଇଛନ୍ତି। ଏହି ସମ୍ପର୍କରେ ଚିକିତ୍ସା କରୁଥିବା ବେତନଟୀ ଡାକ୍ତରଖାନାରେ ଡାକ୍ତରାଣୀ କହନ୍ତି ବାଷି ଖାଦ୍ୟ ଖାଇ ଏଭଳି ଅସୁସ୍ଥ ହୋଇଛନ୍ତି। ଅସୁସ୍ଥ ଙ୍କୁ ବଡ଼ସାହି ବିଧାୟକ ସନାତନ ବିଜୁଳି, ସଠିଲୋ ସମିତି ସଭ୍ୟ କିଶୋର କୁମାର ନାୟକ, ସମାଜସେବୀ ଉଜ୍ଜ୍ୱଳ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାଳିଚରଣ ସୋରେନ, ଯୁବ ନେତା ସୁଧାକର ପଣ୍ଡା ପ୍ରମୁଖ ବ୍ୟକ୍ତି ଙ୍କୁ ବେତନଟୀ ଡାକ୍ତରଖାନାରେ କିଭଳି ଚିକିତ୍ସା ହେଉଛି ବୁଲି ଦେଖିବା ସହିତ ସମବେଦନା ଜଣାଇଥିଲେ।

## ସିପିଆଇ(ଏମ) ନିର୍ବାଚନୀ ବୈଠକ




ନୀଳଗିରି, ୨୯/୪ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀ ଗରଡ଼ିହି ପଞ୍ଚାୟତ ବନ୍ଧସାହି ଛକ ଠାରେ ସିପିଆଇ ଏମ ଦଳ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଲକ ପ୍ରଧାନ ସଭାପତିତ୍ୱ କରିଥିଲେ। ଆଗାମୀ ନିର୍ବାଚନରେ ଦଳର ପ୍ରାର୍ଥୀ ଯୋଗାନନ୍ଦ ଦାସ ଙ୍କ ସପକ୍ଷରେ ଭୋଟ ଦେବାପାଇଁ ପ୍ରଚାର କରାଯାଇଛି। ଏଥିସହିତ ଆଗାମୀ ୩ତାରିଖରେ ଗରଡିହି ଛକଠାରେ ଏକ ବିରାଟ କର୍ମୀ ସମ୍ମିଳନୀ କରାଯିବା ସହିତ ୯ତାରିଖରେ ଦଳ ତରଫରୁ ପ୍ରାର୍ଥୀପତ୍ର ଦାଖଲ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହି ସଭାରେ ସିପିଆଇ ଏମ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ ଦଳୀୟ ପ୍ରାର୍ଥୀଙ୍କୁ କିଭଳି ଅଧିକରୁ ଅଧିକ ଭୋଟ ମିଳିବ ସେ ସମ୍ପର୍କରେ ଦଳୀୟ ସାଥୀ ମାନଙ୍କୁ ଅନୁରୋଧ କରିଥିଲେ। ଉକ୍ତ ବୈଠକରେ ଲକ୍ଷ୍ମୀଧର ସାହୁ, ଜଗନ୍ନାଥ ସିଂ ପୁରସ୍ତମ ବାରିକ, ହାଡିବନ୍ଧୁ ସିଂ, ମୋହନ ସିଂ, ବୁଦ୍ଧଦେବ ସିଂଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

## ମୁର୍ଶୀଦାବାଦରେ ବୋମା ବିସ୍ଫୋରଣ: ବନ୍ଦ ହେଉନାହିଁ ହିଂସା

ମୁର୍ଶୀଦାବାଦ, ୨୯/୪ : ଆସନ୍ତା ମେ ମାସ ୭ ତାରିଖରେ ମୁର୍ଶୀଦାବାଦରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାର ଠିକ ପୂର୍ବରୁ ଗତ ୨୪ ଘଂଟାମଧ୍ୟରେ ବହରମପୁର ଲୋକସଭା ନିର୍ବାଚନମଣ୍ଡଳୀରେ ଦୁଇଟି ବିସ୍ଫୋରଣ ଘଟିଛି। ରେଜିନଗର ପରେ ବର୍ତମାନ ବେଲଡଙ୍ଗାଠାରେ ବୋମା ବିସ୍ଫୋରଣରେ ସମଗ୍ର ଅଂଚଳ କମ୍ପିତ ହୋଇଛି। ସୋମବାର ସକାଳ ପ୍ରାୟ ସାଢେ ୮ଟା ବେଳେ ବେଲଡଂଗାର ଝୁମୁକା ମଝପାଡା ଅଂଚଳରେ ଏକ ବିସ୍ଫୋରଣ ଘଟିଥିଲା। ଜଣା ପଡିଛି ଯେ ବିସ୍ଫୋରଣ ଏକ ଘର ପାଖରେ ଥିବା ଅଳିଆ ଗଦାରେ ଘଟିଛି। ଏହାର ତୀବ୍ରତା ହେତୁ, ସଂଲଗ୍ନ ଘରର ରୋଷେଇ ଘରର ଟାଇଲର କିଛି ଅଂଶ ଭୁଶୁଡି ପଡିଲା । ଅଭିଯୋଗ ହୋଇଛି ଯେ ଘରର ଛାତ ଓ କାନ୍ଥ ନଷ୍ଟ ହୋଇଯାଇଛି। ବୋମାର ଖଣ୍ଡଗୁଡ଼ିକ ଏହି ଅଂଚଳରେ ବିଛାଡି ହୋଇଥିବାର ଦେଖିବାକୁ ମିଳିଥିଲା। ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଂଚିଥିଲା। ଘଟଣାର ତଦନ୍ତ ଚାଲିଛି। ସୂଚନାଯୋଗ୍ୟ ଯେ ମୁର୍ଶୀଦାବାଦରେ ହୋଇଥିବା ବିସ୍ଫୋରଣ ଘଟଣା ଯୋଗୁଁ ନିର୍ବାଚନ ସ୍ଥଗିତ ରଖିବାକୁ ହାଇକୋର୍ଟ ଚେତାବନୀ ଦେଇଥିଲେ ।

## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା: ଲକ୍ଷାଧିକ ଟଙ୍କାର ସଂପତ୍ତି ଜଳି ପୋଡି ପାଉଁଶ

ଖୋର୍ଦ୍ଧା, ୨୯/୪ (ନି.ପ୍ର): ଖୋର୍ଦ୍ଧା ବ୍ଲକ ଗୋଡିପଡାରେ ଅଗ୍ନିକାଣ୍ଡ। ସଂଜୀବ ପାହାଡସିଂହ ଏବଂ ଶ୍ରୀଧର ପାହାଡାସିଂହ ଙ୍କର ଜଳିଗଲା ଚାରି ବଖରା। ଲକ୍ଷାଧିକ ଟଙ୍କାର ସଂପତି ଜଳିପୋଡ଼ି ପାଉଁଶ। ରୋଷେଇ କରୁଥିବାବେଳେ ଚାଳରେ ଲାଗିଲା ନିଆଁ । ଖବର ପାଇ ଖୋର୍ଦ୍ଧା ଅଗ୍ନିଶମ ବାହିନୀ ଏବଂ ଗୋଡିପଡା ଗ୍ରାମବାସୀ ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନୀବିପନ୍ନ ଙ୍କୁ ତୁରନ୍ତ ସରକାରୀ ସହାୟତା ଦେବାକୁ ସ୍ଥାନୀଲୋକେ ଦାବି କରିଛନ୍ତି।

## ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୪ଟି ସଂସଦୀୟ କ୍ଷେତ୍ର ପାଇଁ ୩୭ ପ୍ରାର୍ଥୀ

ଭୁବନେଶ୍ୱର, ୨୯/୪ (ନି.ପ୍ର): ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ୪ଟି ସଂସଦୀୟ କ୍ଷେତ୍ର ଯଥା କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ପାଇଁ ମୋଟ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଏପ୍ରିଲ ୧୮ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଥିବାବେଳେ ଏପ୍ରିଲ ୨୫ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଥିଲା। ଏପ୍ରିଲ ୨୬ ତାରିଖ ଦିନ ସମସ୍ତ ପ୍ରାର୍ଥୀପତ୍ର ଯାଂଚ ହୋଇଥିଲା ଏବଂ ଏପ୍ରିଲ ୨୯ ଅର୍ଥାତ୍ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା । ଯାଂଚ ପରେ ୩୮ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର ବୈଧ ରହିଥିବାବେଳେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାରୁ ୪ଟି ସଂସଦୀୟ କ୍ଷେତ୍ର ପାଇଁ ମୋଟ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। କଳାହାଣ୍ଡି ସଂସଦୀୟ କ୍ଷେତ୍ର ପାଇଁ ୧୧ ଜଣ (ପୁରୁଷ ପ୍ରାର୍ଥୀ-୯, ମହିଳା ପ୍ରାର୍ଥୀ-୨), ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପାଇଁ ୪ ଜଣ (ପୁରୁଷ ପ୍ରାର୍ଥୀ-୪), ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପାଇଁ ୧୧ ଜଣ (ପୁରୁଷ ପ୍ରାର୍ଥୀ-୧୦, ମହିଳା ପ୍ରାର୍ଥୀ-୧) ଏବଂ କୋରାପୁଟ ସଂସଦୀୟ କ୍ଷେତ୍ର ପାଇଁ ୧୧ ଜଣ (ପୁରୁଷ ପ୍ରାର୍ଥୀ-୭, ମହିଳା ପ୍ରାର୍ଥୀ-୪) ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ଉପରୋକ୍ତ ୪ଟି ସଂସଦୀୟ କ୍ଷେତ୍ର ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବା ମୋଟ ୩୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩୦ ଜଣ ପୁରୁଷ ପ୍ରାର୍ଥୀ ହୋଇଥିବାବେଳେ ୭ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି।

## ଶିମିଳିପାଳର ସୁରକ୍ଷା ପାଇଁ ଭଂଜ ସେନାର ପ୍ରସ୍ତୁତି




ଉଦଳା, ୨୯/୪ (ନି.ପ୍ର): ଶିମିଳିପାଳର ସୁରକ୍ଷା ସହିତ ସବୁଜ ବଳୟ ସୃଷ୍ଟି ପାଇଁ ଚଳିତ ଏପ୍ରିଲ ୨୮ ତାରିଖ ରବିବାର ଦିନ ଉଦଳା ଠାରେ ଭଂଜ ସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ବାରିପଦାରୁ ଆସିଥିବା ଭଂଜ ସେନାର ଜିଲ୍ଲା ସଭାପତି ପିଂଟୁ ମାଇତି, ବିଶ୍ୱ ପର୍ଯ୍ୟାବରଣ ହିତ ସାଧନ, ମହତ୍ୱପୂର୍ଣ୍ଣ ଜୈବ ବିବିଧତା ଓ ବନ ସଂରକ୍ଷଣ ନିମନ୍ତେ ଭାରତୀୟ କୃଷି ପଦ୍ଧତିରେ ପରିବର୍ତନ ପାଇଁ ଗ୍ରୀନ -ଏଜି ପ୍ରକଳ୍ପର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିତେନ୍ଦ୍ର ହେମ୍ବ୍ରମ, କିସାନ କୁମାର ସାହୁ, ଗଜେନ୍ଦ୍ର ମହାନ୍ତି, ଗୌତମ ଟୁଡୁ ଇତ୍ୟାଦି ଭଂଜ ସେନାର କପ୍ତିପଦା ଉପଖଣ୍ଡର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ଅଫିସରେ ମଧୁବାବୁଙ୍କ ଜୟନ୍ତୀ ଉପଲକ୍ଷେ ସ୍ୱାଭିମାନ ଦିବସ ପାଳିତ

ବାଲିଆପାଳ, ୨୯/୪ (ନି.ପ୍ର): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ଅଫିସରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ୱାଭିମାନ ଦିବସ ପାଳନ ହୋଇଯାଇଛି । ପରିଷଦର ଉପସଭାପତି ଅବସର ପ୍ରାପ୍ତ ଶିକ୍ଷବିତ ପୂର୍ଣଚନ୍ଦ୍ର ରାଜ ପୌରାହିତ୍ୟ କରିଥିଲେ । ସମ୍ମାନିତ ଅତିଥି ରୂପେ ଚିତ୍ତରଞ୍ଜନ ଦାସ, ଡ଼ ବଂକିମ ଜେନା ମଂଚାସୀନ ହୋଇଥିଲେ । ବୈଠକର ପ୍ରାରମ୍ଭରେ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ବନ୍ଦେ ଉତ୍କଳ ଜନନୀ ଗଣକରାଯାଇଥିଲା । ଜଣେ ପରେ ଜଣେ ଯଥା ଅବସର ପ୍ରାପ୍ତ ପ୍ରାଧ୍ୟାପକ



କୁଞ୍ଜକାନ୍ତ ପାତ୍ର, ବିଜୟ ଦେ ସନ୍ନ୍ୟାସୀ ବେହେରା ଶ୍ରୀହରି ଚରଣ ମଣ୍ଡଳ ବିରମାଧବ ଦାସ କମଳ ଲୋଚନ ପିଳା ମଧୁବାବୁଙ୍କ ବିଷୟରେ ବକ୍ତୃତା ରଖିଥିଲେ । ଓଡ଼ିଆ ଭାଷା ଓ ଓଡ଼ିଆ ସୀମା ଆଜି ମଧ ଅସୁରୀକ୍ଷିତ ରହିବାର ଦେଖାଯାଉଛି । ବାଲିଆପାଳ ମାଟିର ପୁଅ ଡ଼ ଅଦ୍ୱିତ ପାତ୍ର ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଥିବାରୁ ଅନେକ କିଛି ସେ ଭାଷା ସୀମା ସୁରକ୍ଷା ତଥା ପଡୋଶୀ ରାଜ୍ୟ ମାନଙ୍କରେ ଥିବା ଓଡ଼ିଆ ଭାଷା ଭାଷୀ ଅଂଚଳରେ ଓଡ଼ିଆ ବିଦ୍ୟାଳୟ ମାନ ପ୍ରତିଷ୍ଠା କରି ଓଡ଼ିଆ ଭାଷା ବଞ୍ଚି ରହିବାର କାର୍ଯ୍ୟ କରି ଚାଲି ଥିବାରୁ ସମସ୍ତେ ତାଙ୍କର ଭୁୟସୀ ପ୍ରସଂଶା କରିଥିଲେ । ଶେଷରେ କମିଟିର ସମ୍ପାଦକ ବଂକିମ ଜେନା ଧନ୍ୟବାଦ ଦେଇଥିଲେ ।

## ମୁଖ୍ୟ ଶାସନ ସଚିବଙ୍କ ଉତ୍କଳ ବିଶ୍ୱବିଦ୍ୟାଳୟର ଉତ୍କର୍ଷ କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର, ୨୯/୪ (ନି.ପ୍ର): ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସୋମବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର "ଉତ୍କର୍ଷ କେନ୍ଦ୍ର" (ସେଂଟର ଅଫ ଏକ୍ସେଲେନ୍ସ) ପରିଦର୍ଶନ କରିଥିଲେ। ତାଙ୍କ ସହିତ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ୨୦୨୨ ବ୍ୟାଚର ଭାରତୀୟ ପ୍ରଶାସନିକ ସେବା (ଓଡ଼ିଶା କ୍ୟାଡର) ର୬ଜଣ ପ୍ରୋବେସନର ଅଧିକାରୀ ଯାଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଉତ୍କଳ ବିଶ୍ୱବିଦ୍ୟାଳୟରେ ପହଂଚିବା ପରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ସମେତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରର, ସେଂଟର ଅଫ ଏକ୍ସେଲେନ୍ସର ସଂଯୋଜକ ଓ ଅନ୍ୟ ପ୍ରାଧ୍ୟାପକ ମାନେ ସ୍ୱାଗତ କରିଥିଲେ। ଆଇଏଏସ୍ ଶିକ୍ଷାନବିଶମାନେ ଏହି ପରିଦର୍ଶନ ପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର "ଉତ୍କର୍ଷ କେନ୍ଦ୍ର" (ସେଂଟର ଅଫ ଏକ୍ସେଲେନ୍ସ) ସଂପର୍କରେ ଅବଗତ ହୋଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା "ସେଂଟର ଅଫ ଏକ୍ସେଲେନ୍ସ" ଠାରେ ଅନୁଷ୍ଠିତ ଏକ ବୈଠକରେ ଏହି କେନ୍ଦ୍ରରେ ଉପଲବ୍ଧ ବିଭିନ୍ନ ବିଷୟରେ ଗବେଷଣା ସଂପର୍କରେ ଉପସ୍ଥାପନ କରାଯାଇଥିଲା ।

## ଓଡ଼ିଶା ସ୍ୱାଭିମାନ ପରିଷଦର ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ

ବସ୍ତା, ୨୯/୪ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୁଲ୍ୟରେ ଶ୍ରୀଜଗନ୍ନାଥ ମଣ୍ଡପ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ, କବିତା ପାଠୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଜଗବନ୍ଧୁ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଚକ୍ରଧର ଆଚାର୍ଯ୍ୟ ଓ ଦେବେନ୍ଦ୍ର ଆଚାର୍ଯ୍ୟ ବେଦପାଠ କରିଥିଲେ । ସାଇଶ୍ରୀ ମହାପାତ୍ର ଓ ଭବ୍ୟସ୍ମିତା ପଣ୍ଡା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ମୁଖ୍ୟବକ୍ତା ଭାବେ ବାରିପଦାସ୍ଥିତ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ଼ଃ ଜୟଶ୍ରୀ ନନ୍ଦ ଯୋଗଦେଇଥିବାବେଳେ ସମ୍ମାନିତ ବକ୍ତାଭାବେ ଗୋପାଳପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା, ସମ୍ମାନିତ ଅତିଥିଭାବେ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଡ଼ଃ ଲେଖାରାଣୀ ଦାସ, ପରିଷଦର ଉପଦେଷ୍ଟା ଭଗବାନ ମହାପାତ୍ର ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଜୀବନବ୍ୟାପୀ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ । ଜାତୀୟ ବିକାଶ, ଜାତୀୟ ଚରିତ୍ର, ଜାତୀୟ ସମସ୍ୟା, ଜାତୀୟ ଅସ୍ମିତା ଓ ଜାତୀୟ ସ୍ୱାଭିମାନର ମହାପ୍ରବାହ ଜନସାଧାରଣଙ୍କ ଭିତରେ ସୃଷ୍ଟିକରି ଓଡ଼ିଆ ଜାତିର ସାମଗ୍ରିକ ବିକାଶ ପାଇଁ ମଧୁସୂଦନ ଦାସଙ୍କ ଆଜୀବନ ସଂଗ୍ରାମ ଓଡ଼ିଆ ଜାତି ପାଇଁ ପ୍ରେରଣାର ଉତ୍ସ ବୋଲି ଏହି କାର୍ଯ୍ୟକ୍ରମରେ ଅତିଥିମାନେ ମତପ୍ରକାଶ କରିଛନ୍ତି । ଆବାହକ ସୁଧାକର ଗିରି କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିନୟ କୁମାର ବେହେରା, ଗୋପାଳ ଚନ୍ଦ୍ର ସାହୁ, ଗନ୍ଧମାର୍ଦ୍ଦନ ଦେହୁରୀ, ଅଶୋକ ମଣ୍ଡୁଆଳ, ରବୀନ୍ଦ୍ର କୁମାର ବେହେରା, ମନ୍ମଥ ଦଳେଇ, ଯଜ୍ଞେଶ୍ୱର ଗିରି, ପ୍ରମୋଦ କୁମାର ପଣ୍ଡା, ଜ୍ୟୋତିରଞ୍ଜନ ବର ଓ ଓମବ୍ରତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ତର୍ଯ୍ୟାମୀ ମହାପାତ୍ର, ଅଧ୍ୟାପିକା ଇତିଶ୍ରୀ ମହାନ୍ତ ଓ ଅଂଶୁମାନ ପ୍ରଧାନ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଷଦ ତରଫରୁ ଭିକାରୀ ଚରଣ ମିସ୍ତ୍ରୀ, ଜିତେନ୍ଦ୍ରନାଥ ପ୍ରଧାନ, ଜଗନ୍ନାଥ ସ୍ୱାଇଁ ଓ ନିରଞ୍ଜନ ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo